SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଅଗଷ୍ଟ - ୨୦୨୧ AUGUST - 2021

## ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ

ଶ୍ରୀଜଗନ୍ନାଥ ମନ୍ଦିରର ନୀତିକାନ୍ତି ସମ୍ପାଦନ, ପୂଜାପାର୍ବଣ, ବିଶେଷ ଯାନିଯାତ୍ରା, ଭକ୍ତଗଣଙ୍କ ପାଇଁ ଦର୍ଶନ ବ୍ୟବସ୍ଥା, ସୁଦୃଢ଼ ଆର୍ଥିକସ୍ଥିତି ସରଞ୍ଜନା ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନ ଏକ ମୁଖ୍ୟ ଭୂମିକା ନିର୍ବାହ କରେ । ସେବକ ସମୁଦାୟ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷି ମହାପ୍ରଭୁଙ୍କର ନୀତି ନିର୍ଘଣ୍ଟ ଅନୁପାଳନ କରିବାରେ ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଶ୍ରୀମନ୍ଦିର ପ୍ରଶାସନ ସହାୟକ ହୋଇ ଜନସାଧାରଣଙ୍କର ଆସ୍ଥାଭାଜନ ହୋଇପାରିଛନ୍ତି । କମିଟି ପ୍ରତ୍ୟେକ ବ୍ୟବସ୍ଥାକୁ ଉତ୍ତମ ରୂପେ ତର୍ଜମା କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ମନ୍ଦିର ପରିଚାଳନା ସୁଗମ ହୋଇଥାଏ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ ଅନୁଯାୟୀ ଶ୍ରୀମନ୍ଦିର ପରିଚାଳନା ପାଇଁ କମିଟି ଗଠନ କରନ୍ତି । କମିଟିର କାର୍ଯ୍ୟକାଳ ୩ ବର୍ଷ ରହିବାର ବ୍ୟବସ୍ଥା ଅଛି ।



ରାଜ୍ୟ ସରକାରଙ୍କ ଆଇନ ବିଭାଗ ତରଫରୁ ନିମ୍ନଲିଖିତ ସଦସ୍ୟମାନଙ୍କୁ ମନୋନୀତ କରାଯାଇ ବିଜ୍ଞପ୍ତି ସଂଖ୍ୟା ୮୦୭୩ ତା. ୧୨.୮.୨୦୨୧ରେ ନୂତନ ପରିଚାଳନା କମିଟି ଗଠନ କରିଛନ୍ତି । ଯଥା- (୧) ଶ୍ରୀଯୁକ୍ତ ଅଶୋକ କୁମାର ମହାପାତ୍ର :- ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଦସ୍ୟ ତଥା ଆଇନଜିବୀ । ପ୍ରଥମ ଥର ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ମନୋନୀତ ହୋଇଛନ୍ତି (୨) ଶ୍ରୀଯୁକ୍ତ ମାଧବ ଚନ୍ଦ୍ର ପୂଜାପଣ୍ଡା :- ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗର ସମ୍ପାଦକ । ୨ୟ ଥର ପାଇଁ ମନୋନୀତ ହୋଇଛନ୍ତି । (୩) ଶ୍ରୀଯୁକ୍ତ ଜଗନ୍ନାଥ କର :- ପୁଷ୍ପାଳକ ନିଯୋଗର ସଦସ୍ୟ । ପ୍ରଥମ ଥର ପାଇଁ ମନୋନୀତ ହୋଇଛନ୍ତି । (୪) ଶ୍ରୀଯୁକ୍ତ ମାଧବ ଚନ୍ଦ୍ର ମହାପାତ୍ର :- ପ୍ରତିହାରୀ ନିଯୋଗର ସଦସ୍ୟ । ୨ୟ ଥର ପାଇଁ ମନୋନୀତ ହୋଇଛନ୍ତି । (୫) ଶ୍ରୀଯୁକ୍ତ ଅନନ୍ତ କୁମାର ତିଆଡ଼ି :- ସୁଆର ମହାସୁଆର ନିଯୋଗର ସଦସ୍ୟ । ୨ୟ ଥର ପାଇଁ ମନୋନୀତ ହୋଇଛନ୍ତି । (୬) ଶ୍ରୀଯୁକ୍ତ ଦୁର୍ଗା ପ୍ରସାଦ ଦାସ ମହାପାତ୍ର :- ଦଇତାପତି ନିଯୋଗର ସାଧାରଣ ସମ୍ପାଦକ । ପ୍ରଥମ ଥର ପାଇଁ ମନୋନୀତ ହୋଇଛନ୍ତି । (୭) ମହନ୍ତ ଶ୍ରୀ ରାମକୃଷ୍ଣ ଦାସ :- ପୁରୀ ରାଧାବଲ୍ଲଭ ମଠର ମହନ୍ତ । ପ୍ରଥମ ଥର ପାଇଁ ମନୋନୀତ ହୋଇଛନ୍ତି । (୮) ଶ୍ରୀଯୁକ୍ତ ଶରତ ଚନ୍ଦ୍ର ଭଦ୍ର :- ଚାର୍ଟାର୍ଡ ଆକାଉଣ୍ଟାଟ୍ । ପ୍ରଥମ ଥର ପାଇଁ ମନୋନୀତ ହୋଇଛନ୍ତି । (୯) ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡା :- ପ୍ରତିଷ୍ଠିତ ଜଣାଶୁଣା ହୃଦ୍‌ରୋଗ ବିଶେଷଜ୍ଞ । ପ୍ରଥମ ଥର ପାଇଁ ମନୋନୀତ ହୋଇଛନ୍ତି । (୧୦) ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ :- ଆନ୍ତର୍ଜାତୀୟ ବାଲୁକାଶିଳ୍ପୀ । ପ୍ରଥମ ଥର ପାଇଁ ମନୋନୀତ ହୋଇଛନ୍ତି ।

ଏହି ଅବସରରେ ତା. ୨୬.୮.୨୧ ରିଖ ଦିବା ଘ.୧୦.୩୦ମି. ସମୟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷଠାରେ ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ସର୍ବପ୍ରଥମେ ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ସମସ୍ତ ନୂତନ ସଦସ୍ୟମାନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ସଭା ଆରମ୍ଭ ପୂର୍ବରୁ ମହାପ୍ରଭୁଙ୍କ ଧ୍ୟାନ ମନ୍ତ୍ର ପାଠ କରାଯାଇଥିଲା । ଗଜପତି ମହାରାଜା ପ୍ରତ୍ୟେକ ସଦସ୍ୟମାନଙ୍କ ବିଷୟରେ ସମ୍ୟକ ସୂଚନା ପ୍ରଦାନ କଲେ ।

ତତ୍‌ପରେ ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ତତ୍‌ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ସମସ୍ତ ନବଗଠିତ ସଦସ୍ୟମାନଙ୍କୁ ସ୍ୱାଗତ କରିବାସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉକ୍ତ ବୈଠକରେ ନିମ୍ନଲିଖିତ ସବ୍-କମିଟିମାନ ଗଠନ କରାଯାଇଥିଲା । ଯଥା - (୧) ଅର୍ଥ ସବ୍‌କମିଟି (୨) ନୀତି ସବ୍ କମିଟି (୩) ରତ୍ନଭଣ୍ଡାର ସବ୍ କମିଟି (୪) ଅପିଲ ସବ୍‌କମିଟି (୫) ଲ୍ୟାଣ୍ଡ ଏବଂ ପ୍ରକଳ୍ପ ସବ୍ କମିଟି (୬) ସେବକ କଲ୍ୟାଣ ସବ୍ କମିଟି (୭) ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା, ପ୍ରକାଶନ ଓ ପ୍ରସାର ସବ୍ କମିଟି (୮) ଶ୍ରୀଜଗନ୍ନାଥ ମନ୍ଦିର ପେନସନ ଟ୍ରଷ୍ଟ ବୋର୍ଡ଼/ଶ୍ରୀଜଗନ୍ନାଥ ମନ୍ଦିର ଭବିଷ୍ୟନିଧି ଟ୍ରଷ୍ଟ ବୋର୍ଡ଼ । ଉକ୍ତ ବୈଠକରେ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ବିଶେଷତଃ ଚଳିତ ବର୍ଷର ରଥଯାତ୍ରା ବିଷୟରେ ବ୍ୟାପକ ଆଲୋଚନା କରାଯିବା ସହିତ ବୈଠକରେ ସଦସ୍ୟମାନେ ନିଜ ନିଜର ମତ ପ୍ରଦାନ କରିଥିଲେ । ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା । ସେବକ ପରିବାରଙ୍କୁ ବାସଗୃହ ପ୍ରଦାନ ବିଷୟରେ ଆଲୋଚନା କରାଯାଇଥିଲା । ତତ୍‌ସହିତ ସଭାପତିଙ୍କ ଅନୁମୋଦନ କ୍ରମେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ଏବଂ ପର୍ଯ୍ୟାଲୋଚନ କରାଯାଇଥିଲା ।

ଉକ୍ତ ବୈଠକରେ ନୂତନଭାବେ ମନୋନୀତ ସମସ୍ତ ପରିଚାଳନା କମିଟି ସଦସ୍ୟମାନଙ୍କ ସମେତ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡା. କେ.ଭି.ସିଂ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଅଧୀକ୍ଷକ, ଦେବୋତ୍ତର ଆୟୁକ୍ତ, ବିଧି ବିଭାଗର ଅତିରିକ୍ତ ଶାସନ ସଚିବ ଯୋଗଦାନ କରିଥିଲେ । ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ପ୍ରଶାସକ ଏବଂ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ସର୍ବଶେଷରେ ମହାପ୍ରଭୁଙ୍କ ମନ୍ତ୍ର ପାଠ ପରେ ସଭାସାଙ୍ଗ କରାଯାଇଥିଲା ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା :

ତା. ୮.୮.୨୧ରିଖ ରବିବାର ଦିନ ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ଚିତାଲାଗି ନୀତି ଅନୁଷ୍ଠିତ ହୋଇଥିଲା । ଏହି ଦିନ ଶ୍ରୀମନ୍ଦିରରେ



ସକାଳଧୂପ ଓ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଶ୍ରୀବିଗ୍ରହମାନଙ୍କର ଶ୍ରୀଅଙ୍ଗରୁ ଝୋବା କଣ୍ଠି ମଇଲମ ହୋଇଥିଲା । ଏହାପରେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ମହାଜନ ସେବକମାନେ ସିଂହାସନରୁ ହାତରେ ବିଜେ କରାଇ ଆଣି ଖଟ ଶେଯରେ ବିଜେ କରାଇବା ପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କୁ ଚିତାଲାଗି କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଦେବସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ସ୍ନାନମଣ୍ଡପରୁ ବାହୁଡ଼ା ବିଜେ କରିବା ପରେ ଅନବସରକୁ ଯିବା ପୂର୍ବରୁ ଏହି ଚିତା ମଇଲମ କରାଯାଇ ଭଣ୍ଡାର ଘରେ ରଖାଯାଇଥାଏ ଏବଂ ଚିତାଲାଗି ଅମାବାସ୍ୟା ଦିନ ପୁନଃ ଚିତାଲାଗି କରାଯାଇଥାଏ ।

## ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ ଓ ଝୁଲଣ ଯାତ୍ରା ଆରମ୍ଭ :

ତା.୧୭.୮.୨୧ରିଖ ମଙ୍ଗଳବାର ଦିନ ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ ନୀତି ଅନୁଷ୍ଠିତ ହୋଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ ଝୁଲଣ ଯାତ୍ରାର ପୂର୍ବ ଦିନ ବାଡ଼ି ନୃସିଂହ ଋରି ଆଶ୍ରମ ପରିକ୍ରମା କରିଥିଲେ । ବାଡ଼ି ନୃସିଂହ



ଠାକୁରଙ୍କ ବିଜେ ନୀତି ଶ୍ରାବଣ ଶୁକ୍ଳପକ୍ଷ ନବମୀ ଦିନ ହୋଇଥାଏ । ମଧ୍ୟାହ୍ନ ଧୂପ ପରେ ଦକ୍ଷିଣ ଘରୁ ନୃସିଂହ ଯାଇ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରି ସିଂହଦ୍ୱାର ଦେଇ ଋରି ଆଶ୍ରମକୁ ଯା'ନ୍ତି । ଯଥା- (୧) ମାର୍କଣ୍ଡ (ମାର୍କଣ୍ଡେଶ୍ୱର ସାହି- ମାର୍କଣ୍ଡେୟ ପୁଷ୍କରିଣୀ) (୨) ଅଙ୍ଗିରା (ଦୋଳମଣ୍ଡପ ସାହି) (୩) ପଣ୍ଡୁ (ବାଲିସାହି) (୪) ଭୃଗୁ (ଜମ୍ବେଶ୍ୱର- ହରଚଣ୍ଡୀ ସାହି) । ପର୍ବଯାତ୍ରା ଯୋଗାଣିଆ ଦେଇଥିବା ଶୀତଳଭୋଗ ପ୍ରତ୍ୟେକ ଆଶ୍ରମରେ ଭୋଗ ହୁଏ । ତା'ପରେ ଠାକୁର ବାହୁଡ଼ା ବିଜେ କରିଥିଲେ । ଏହି ଦିନ ମଧ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ ହୋଇଥିଲା । ଭିତରେ ସର୍ବାଙ୍ଗ ବଢ଼ିବା ପରେ ଲକ୍ଷ୍ମୀ ଓ ସରସ୍ୱତୀ ବେହେରଣ ଉପରକୁ ବିଜେ ହୋଇଥିଲେ । ଦକ୍ଷିଣ ଘର ଭୋଗ ସରିବା ପରେ ଓ ଭିତର ବେଶ ବଢ଼ିବା ପରେ ମହାଜନମାନେ ହାତରେ ବିଜେ କରାଇ ନେଇ ସିଂହାସନ ଉପରେ ଦୁଇ ଠାକୁରାଣୀଙ୍କୁ ଓ ମଦନମୋହନଙ୍କୁ ବିଜେ କରିଥିଲେ । ଜଣେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବାପରେ ଏକାଦଶୀ ବେଢ଼ାବୁଲା ସକାଶେ ମଦନମୋହନ ଆଗ ସିଂହାସନରୁ ମହାଜନଙ୍କ ହାତରେ ବିଜେ ହୋଇ ଝୁଲଣ ମଣ୍ଡପ ପାଖେ ଥିବା ପାଲିଙ୍କିରେ ବିଜେ ହେବା ପରେ ଘଣ୍ଟ, ଛତା ଓ କାହାଳୀ ସହ ବିମାନବଡୁମାନେ ବିମାନ, ବଡ଼ ଦେଉଳକୁ ବେଢ଼ାଏ ବୁଲାନ୍ତି ଓ ତା'ପରେ ଜୟବିଜୟ ଦ୍ୱାରଠାରେ ମଦନମୋହନଙ୍କ ଏକାଦଶୀ ଭୋଗ ହୋଇଥିଲା । ବନ୍ଦାପନା ହେବା ପରେ ଲକ୍ଷ୍ମୀ ଓ ସରସ୍ୱତୀ ଭିତରୁ ମହାଜନଙ୍କ ହାତରେ ସେଠାକୁ ଆସିଲା ପରେ, ତିନି ମୂର୍ତ୍ତିଙ୍କୁ ଝୁଲଣ ମଣ୍ଡପକୁ ବିଜେ କରି ଓ ପୂର୍ବ କଥିତ ମତେ ଝୁଲଣ ନୀତି ବଢ଼ିଥିଲା ।

## ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ଏବଂ ରକ୍ଷାବନ୍ଧନ:

ତା. ୨୨.୮.୨୧ରିଖ ରବିବାର ଦିନ ଗହ୍ମାପୂର୍ଣ୍ଣମୀ ତଥା ଶ୍ରୀବଳଭଦ୍ର ଜନ୍ମ ଅବସରରେ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ମହାସ୍ନାନ ହୋଇଥିଲା । ଏହା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ସର୍ବାଙ୍ଗ ଚନ୍ଦନ ଲାଗି ବଡ଼ି ବେଶ ବଢ଼ିଥିଲା । ଉକ୍ତ ବେଶରେ ନୂଆ ବୋଇରାଣି ପତନି ଲାଗି ସହିତ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ଏହାପରେ ସୁଦୁସୁଆର ପ୍ରସ୍ତୁତ କରିଥିବା ବଡ଼ବାଡ଼ରେ ଷଷ୍ଠିମାର୍କଣ୍ଡୀ ପୂଜା ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ସମାପନ ହେବା ପରେ ବଡ଼ବାଡ଼ ତଥା ମହାପ୍ରଭୁଙ୍କ ବାଡ଼ରେ ସୁନା ଲାଗିଥିବା ପାଟରାକ୍ଷୀ ଲାଗି ହୋଇଥିଲା । ଏହାପରେ ପାଣିପଡ଼ି ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇ ପାଣିପଡ଼ିଲା ପରେ ବଡ଼ବାଡ଼ରେ ମଙ୍ଗଳାର୍ପଣ ନୀତି ବଢ଼ିଥିଲା ।



ଝୁଲଣକୁ ଦିଅଁ ବିଜେ ପରେ ଦଇତାପତିମାନେ ସିଂହାସନକୁ ଅ । ସ ଶ୍ରୀସୁଦର୍ଶନ ମହାପ୍ରଭୁଙ୍କୁ ଚଉଦୋଳକୁ ବିଜେ କରାଇଥିଲେ । ଶ୍ରୀସୁଦର୍ଶନ ଝୁଲଣ ମଣ୍ଡପ ଠାରେ ଚୂଳ, ମାଳ ଲାଗି ସହିତ ସୁନା ହରିଡ଼ା ମାଳି ଲାଗି ହୋଇ ମାର୍କଣ୍ଡ ପୁଷ୍କରିଣୀ କୂଳରେ ଥିବା ଜହ୍ନିମୁଣ୍ଡିଆକୁ ବିଜେ ହୋଇଥିଲେ । ସେଠାରେ ସୁଦୁସୁଆର ଚିକିଟା ମାଟିରେ ବଳଭଦ୍ର ପ୍ରତିମା ତିଆରି କଲା ପରେ ପୂଜାପଣ୍ଡା ନ୍ୟାସ କରି ବିଧିମୁତାବକ ଜାତକର୍ମ କରିଥିଲେ । ପରେ ପାଣିପଡ଼ି ଶୀତଳ ଭୋଗ ସରିଲା ପରେ ମୁଦିରସ୍ତ ବନ୍ଦାପନା କରିଥିଲେ ଏବଂ ମାଟି ପ୍ରତିମାକୁ ମାର୍କଣ୍ଡ ପୁଷ୍କରିଣୀରେ ବିସର୍ଜନ କରିସାରିଲା ପରେ ଶ୍ରୀସୁଦର୍ଶନ ଅନ୍ୟ ତିନି ଆଶ୍ରମକୁ ବିଜେ କରି ସେଠାରେ ବନ୍ଦାପନା, ଶୀତଳ ଭୋଗ ହୋଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଜନ୍ମାଷ୍ଟମୀ:

ତା. ୩୦.୮.୨୧ ରିଖ ସୋମବାର ଦିନ ପବିତ୍ର ଜନ୍ମାଷ୍ଟମୀ ଅବସରରେ ସଂଧ୍ୟାଧୂପ ବେଶରେ ନୂଆ ବୋଇରାଣୀ ପତନି ଲାଗି ସହିତ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ସଂଧ୍ୟାଧୂପ ସରିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଭଣ୍ଡାର ଦୁଆର ଆଗରେ ପୋଛ ମରାଯାଇଥିଲା । ପରେ ପଞ୍ଚବର୍ଣ୍ଣ ମୁରୁଜରେ ଜଣେ ପୂଜାପଣ୍ଡା 'ସର୍ବତ୍ର ଭଦ୍ର ମଣ୍ଡଳ' ଲେଖିଥିଲେ । ଶୁଦ୍ଧସୁଆର ପୂଜା ଠା' କରନ୍ତେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବାକ୍ୟ ବିନିମୟରେ ବରୁଣ ପୂଜା କରିଥିଲେ । ରୂପା ପଦ୍ମ ପାଖୁଡ଼ା, କୃଷ୍ଣ ଜନ୍ମପଟି ଏବଂ ସୁବର୍ଣ୍ଣ କୃଷ୍ଣ ପ୍ରତିମା ଭଦ୍ରମଣ୍ଡଳ ଉପରେ ରଖାଯାଇଥିଲା ।



ଦକ୍ଷିଣ ଘରୁ ମଦନମୋହନ ରତ୍ନ ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇ ଜନ୍ମ ଚକଡ଼ାରେ ବିଜେ କରିଥିଲେ । ଏଠାରେ ଗର୍ଭ ଉଦକ କର୍ମ, ଶୀତଳ ଭୋଗ ପରେ ଦୁଇଜଣ ମହାଜନ ସେବକ ଲୁଗା ଘୋଡ଼ାଇ ହୋଇ ଦେବକୀ ଓ ବସୁଦେବ ଭାବରେ ଶ୍ରୀକୃଷ୍ଣଙ୍କୁ ଜନ୍ମ କରାଇଥିଲେ । ଜନ୍ମନୀତି ଶେଷ ହେବା ପରେ ପ୍ରସାଦ ଲାଗି, ଦୁଧ ଲହୁଣୀ ଓ ଗାଣ୍ଠୁଷ ମସଲା ସମର୍ପଣ ପୂର୍ବକ ମଣୋହି ପରେ କର୍ପୂର ଆଳତି ହୋଇ ରୂପା ଥାଳିରେ ମଦନମୋହନ ବିଜେ କରି ବାହାରକୁ ଆସିଥିଲେ । ଜଣେ ସେବକ ଉଗ୍ରସେନ ଭାବରେ ଦଣ୍ଡପ୍ରଣାମ କରିଥିଲେ । ଏହି ସମୟରେ ବେହେରା ଖୁଣ୍ଟିଆ ଠାକୁରଙ୍କ ମସ୍ତକ ଉପରେ ସପ୍ତଫେଣା ବାସୁକୀଙ୍କୁ ଧରି ଋଲିଥିଲେ । ମୁଦିରସ୍ତ ସେବକ ପ୍ରସାଦ ଲାଗି ଓ ବନ୍ଦାପନା କରିବା ପରେ ମଦନମୋହନ ନାଭିକଟା ମଣ୍ଡପ ଠାରେ ଖଟ ଶେଯ ଉପରେ ବିଜେ କରିଥିଲେ ଏବଂ ମହାଜନମାନେ ଦକ୍ଷିଣ ଘରୁ ରାମକୃଷ୍ଣଙ୍କୁ ଆଣି ଖଟ ଶେଯ ଉପରେ ବିଜେ କରାଇଥିଲେ । ଏହାପରେ ନାଭିଛେଦନ ହୋଇ ପଞ୍ଚାମୃତରେ ମହାସ୍ନାନ, ଶୀତଳଭୋଗ ମଣୋହି ଓ ବନ୍ଦାପନା ପରେ ମହାଜନମାନେ ଠାକୁରମାନଙ୍କୁ ହାତରେ ବିଜେ କରାଇ ଜଗମୋହନରେ ପ୍ରସ୍ତୁତ କରାଯାଇଥିବା ଦୋଳିରେ ବିଜେ କରାଇଥିଲେ । ଏଠାରେ ଶୀତଳଭୋଗ ଛାମୁଁକୁ ଆସିବା ପରେ ପ୍ରସାଦ ଲାଗି, ପୂଜା ଓ ମଣୋହି ହୋଇ ବନ୍ଦାପନା ସରିବା ପରେ ଭିତରେ ପାଣି ପଡ଼ି, ବଡ଼ସିଂହାର ଭୋଗ ଛେକ ଆସିବା ମାତ୍ରେ ରାମକୃଷ୍ଣ ରତ୍ନ ସିଂହାସନକୁ ଏବଂ ମଦନମୋହନ ଦକ୍ଷିଣ ଘରକୁ ବିଜେ କରିଥିଲେ ।

# ବ୍ରହ୍ମର ସ୍ୱରୂପ ଓ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ

ବ୍ରହ୍ମ ହେଉଛି ଅପରିବର୍ତ୍ତନଶୀଳ ଓ ଅବିନାଶୀ । ସ୍ଥୂଳତଃ ଦାରୁ ରୂପରେ ଶ୍ରୀଜଗନ୍ନାଥ ବିରାଜମାନ କରୁଥିଲେ ମଧ୍ୟ ତନ୍ମଧ୍ୟରେ ଅକ୍ଷୟ ବ୍ରହ୍ମ ହିଁ ସୂକ୍ଷ୍ମ ସତ୍ତା ରୂପେ ପ୍ରତିଷ୍ଠିତ । ଦାରୁରେ ନିରାକାର, ଅନନ୍ତ ଓ ଅବିନାଶୀ ବ୍ରହ୍ମଙ୍କର ସଂସ୍ଥାପନରେ ପ୍ରଭୁ ଶ୍ରୀଜଗନ୍ନାଥ ନବକଳେବର ଧାରଣ କରନ୍ତି । କେତେକ ମନିଷୀ ଏହି ବ୍ରହ୍ମଙ୍କୁ 'ପିଣ୍ଡବ୍ରହ୍ମ' ବୋଲି ମଧ୍ୟ ଅଭିହିତ କରିଥାନ୍ତି । ଏଠାରେ 'ବ୍ରହ୍ମ'ର ସ୍ୱରୂପ ଓ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ଦାରୁ ବିଗ୍ରହ ମଧ୍ୟରେ ଥିବା ସମନ୍ୱୟ ସମ୍ବନ୍ଧରେ ଆଲୋକପାତ କରାଯାଉଛି ।

ବ୍ରହ୍ମତତ୍ତ୍ୱ ହିଁ ସବୁ ତତ୍ତ୍ୱ ମଧ୍ୟରେ ଶ୍ରେଷ୍ଠତତ୍ତ୍ୱ ଭାବରେ ବିବେଚିତ । ଉପନିଷଦ୍‌ର ମୁଖ୍ୟ ପ୍ରତିପାଦ୍ୟ ତତ୍ତ୍ୱ ହେଉଛି ବ୍ରହ୍ମତତ୍ତ୍ୱ । ବାଦରାୟଣ ବ୍ୟାସ 'ବ୍ରହ୍ମ'ର ସଂଜ୍ଞା ଦେବାକୁ ଯାଇ କହିଛନ୍ତି- 'ଜନ୍ମାଦ୍ୟସ୍ୟ ଯତଃ'- ଅର୍ଥାତ୍ ଏହି ଜଗତର ସୃଷ୍ଟି, ସ୍ଥିତି ଓ ଲୟ ଯାହାଙ୍କ ଠାରୁ ସେ 'ବ୍ରହ୍ମ' ଅଟନ୍ତି । ତୈତ୍ତିରୀୟ ଉପନିଷଦ୍‌ରେ ମଧ୍ୟ 'ବ୍ରହ୍ମ'ର ଲକ୍ଷଣ ଠିକ୍ ଏହିପରି ଭାବରେ ସମର୍ଥିତ । ସେଥିରେ ଉଲ୍ଲେଖ ଅଛି ଯେ,- 'ଯାହାଙ୍କଠାରୁ ଏହି ସମଗ୍ର ପ୍ରାଣୀ ଜନ୍ମ ଗ୍ରହଣ କରନ୍ତି, ଜନ୍ମ ହୋଇଥିବା ପ୍ରାଣୀମାନେ ଯାହାଙ୍କ ଦ୍ୱାରା ପ୍ରତିପାଳିତ ହୁଅନ୍ତି ଏବଂ ମୃତ୍ୟୁକାଳରେ ଯାହାଙ୍କଠାରେ ଲୀନ ହୁଅନ୍ତି ସେ ହିଁ ବ୍ରହ୍ମ ଅଟନ୍ତି' । ଋଗ୍‌ବେଦର ଦଶମ ମଣ୍ଡଳ ଅନ୍ତର୍ଗତ ସୂକ୍ତ 'ପୁରୁଷ ସୂକ୍ତ' ଭାବରେ ନାମିତ । ସେହି ସୂକ୍ତ ଅନ୍ତର୍ଗତ ମନ୍ତ୍ର ସମୂହର ଉଦ୍ଦିଷ୍ଟ ଦେବତା ହେଉଛନ୍ତି 'ପୁରୁଷ' । ଏହି 'ପୁରୁଷ' ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ୍ ଉପନିଷଦ୍‌ର ଆବିର୍ଭାବ କାଳରେ 'ବ୍ରହ୍ମ' ନାମରେ ଅଭିହିତ । ଉକ୍ତ ସୂକ୍ତର ବର୍ଣ୍ଣାନୁଯାୟୀ ସେହି 'ପୁରୁଷ'ଙ୍କ ଠାରୁ ହିଁ ସବୁ ପ୍ରାଣୀଙ୍କର ସୃଷ୍ଟି । ସେ ହିଁ ସର୍ବଶକ୍ତିମାନ ଓ ସର୍ବଦ୍ରଷ୍ଟା ଅଟନ୍ତି । ଉପନିଷଦ୍‌ରେ 'ବ୍ରହ୍ମ' ଶବ୍ଦ କ୍ଳୀବଲିଙ୍ଗ ଭାବେ ବ୍ୟବହୃତ ହୋଇଛି । କିନ୍ତୁ ପୁରୁଷ ଶବ୍ଦର ପ୍ରୟୋଗ ପୁଂଲିଙ୍ଗରେ ହୋଇଅଛି । ଛାନ୍ଦୋଗ୍ୟ ଉପନିଷଦ୍ ଅନୁସାରେ 'ବ୍ରହ୍ମ' ହିଁ ହେଉଛନ୍ତି ଆତ୍ମା । ପୁରୁଷ ହେଉଛନ୍ତି ସର୍ବଶକ୍ତିମାନ୍ ଓ ତାଙ୍କର ନେତ୍ରରେ ହିଁ ଆତ୍ମା ଦୃଶ୍ୟମାନ ହୁଏ । ମହର୍ଷିମାନଙ୍କ ମତରେ- ଯାହା ନିତ୍ୟ, ସଚ୍ଚିଦାନନ୍ଦ, ଯିଏ ସର୍ବଥା ଅଦ୍ୱିତୀୟ, ଯାହାଙ୍କଠାରେ କୌଣସି ପ୍ରକାର ଭେଦର କଳ୍ପନା ନାହିଁ, ଯିଏ ଭୂତ, ଭବିଷ୍ୟ ଓ ବର୍ତ୍ତମାନ- ଏହି ତିନୋଟି କାଳର ଏବଂ ସବୁ ଅବସ୍ଥାରେ ସମ, ନିତ୍ୟ ଓ ଏକ ରୂପ ଅଟନ୍ତି, ଯିଏ ସବୁ କିଛିର ଏକମାତ୍ର ପ୍ରକାଶକ, ଜ୍ଞାତା, ଦ୍ରଷ୍ଟା, ଆଶ୍ରୟ ଓ ଆଧାର ଅଟନ୍ତି, ଯାହାର ଶକ୍ତିରେ ସମସ୍ତେ ଶକ୍ତିମାନ ଓ କାର୍ଯ୍ୟକ୍ଷମ ଅଟନ୍ତି, ସେହି ନିତ୍ୟ ସତ୍ ଚେତନ ଆନନ୍ଦମୟ ତତ୍ତ୍ୱ ହିଁ 'ବ୍ରହ୍ମ' ନାମରେ ଅଭିହିତ । ବ୍ରହ୍ମ ପ୍ରଥମେ ଜଗତ ରୂପରେ ପରିବର୍ତ୍ତିତ ହୁଏ ନାହିଁ । ମାୟାର ପ୍ରଭାବରେ ହିଁ ସମସ୍ତଙ୍କୁ 'ବ୍ରହ୍ମ'ରେ ଜଗତର ଭ୍ରାନ୍ତି ପ୍ରତୀତ ହୁଏ । ଦ୍ୱୈତ ବେଦାନ୍ତରେ 'ବ୍ରହ୍ମ'ଙ୍କୁ ସର୍ବଜ୍ଞ, ସର୍ବକର୍ତ୍ତା, ସର୍ବଭୋକ୍ତା ଭାବରେ ବର୍ଣ୍ଣନା କରାଯାଇଛି । ଦ୍ୱୈତ ଦୃଷ୍ଟିରେ ବ୍ରହ୍ମ ସଗୁଣ, କିନ୍ତୁ ଅଦ୍ୱୈତବେଦାନ୍ତ ଦୃଷ୍ଟିରେ ବ୍ରହ୍ମ ନିର୍ଗୁଣ । ଦ୍ୱୈତବେଦାନ୍ତ ଦୃଷ୍ଟିରେ ବ୍ରହ୍ମଠାରୁ ସମଗ୍ର ଜୀବ ଓ ଜଗତ ସୃଷ୍ଟି ହୋଇଥିବା ହେତୁ, ପ୍ରତ୍ୟେକ ସୃଷ୍ଟି ଯେ 'ବ୍ରହ୍ମ'ଙ୍କର ଅଂଶବିଶେଷ ଏଥିରେ ସନ୍ଦେହ ନାହିଁ । ଯେପରି ଟୋପାଏ ଜଳ, ସମୁଦ୍ରର ଅଂଶବିଶେଷ, ଠିକ୍ ସେହିପରି ଭଗବାନଙ୍କର ସତ୍ତା ସମଗ୍ର ଜୀବ ଜଗତରରେ ପରିବ୍ୟାପ୍ତ । ସୁତରାଂ ସଗୁଣ ଓ ନିର୍ଗୁଣ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଉପନିଷଦ୍ ବର୍ଣ୍ଣନା ଅନୁସାରେ 'ଯେଉଁ ଚେତନ ତତ୍ତ୍ୱକୁ ବ୍ୟାପକ ସ୍ୱରୂପ ଯୋଗୁଁ 'ପରମାତ୍ମା' କୁହାଯାଏ, ସେହି ଚେତନ ତତ୍ତ୍ୱ ଯେତେବେଳେ ମାୟା ହେତୁ ଜୀବର ଶରୀରରେ ପ୍ରକଟ ହୁଏ, ସେତେବେଳେ ତାହାକୁ 'ଆତ୍ମା' ବୋଲି କୁହାଯାଏ । ଏହି କାରଣରୁ ଆତ୍ମା ଓ ପରମାତ୍ମା, ଏକ ଓ ଅଭିନ୍ନ ବୋଲି ପ୍ରତିପାଦନ କରାଯାଇଛି । ବ୍ରହ୍ମ ନିରାକାର ହେଲେ ମଧ୍ୟ ମାୟାରେ ସାକାର ହୁଅନ୍ତି । ଦ୍ୱୈତ ବେଦାନ୍ତର ସିଦ୍ଧାନ୍ତ ଅନୁଯାୟୀ ସାକାର ମଧ୍ୟରେ ହିଁ ନିରାକାର ବ୍ରହ୍ମ ବିରାଜମାନ କରିଥାଏ । ଅତଏବ ବ୍ରହ୍ମ ଏକ ଓ ଅଭିନ୍ନ ହେଲେ ମଧ୍ୟ ମାୟା ହେତୁ ଆମକୁ ଦୁଇ ପ୍ରକାର ସତ୍ତା ଦୃଷ୍ଟିଗୋଚର ହୁଏ । ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ 'ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା ।' ଜୀବାତ୍ମା ଓ ପରମାତ୍ମା ଏକ ଓ ଅଭିନ୍ନ ।'



କେତେକ ବେଦାନ୍ତ ଭାଷ୍ୟକାରଙ୍କ ମତରେ ବେଦାନ୍ତ ଓ ଉପନିଷଦ୍‌ରେ ବର୍ଣ୍ଣିତ ପରଂବ୍ରହ୍ମ ହେଉଛନ୍ତି ପୁରୁଷୋତ୍ତମ ନାରାୟଣ ଏବଂ ସେମାନଙ୍କ ମତରେ ବ୍ରହ୍ମ ଓ ଈଶ୍ୱର ଏକ ଓ ଅଭିନ୍ନ । ଶ୍ରୀଜଗନ୍ନାଥ ଚେତନାର ବୈଦିକଭୂତ୍ତିଭୂମି ସମ୍ବନ୍ଧରେ ଆଲୋଚନା ହେଉଥିଲେ ମଧ୍ୟ ପ୍ରସଙ୍ଗ ଦୃଷ୍ଟିରୁ ଶ୍ରୀମଦ୍‌ଭଗବତ୍ ଗୀତା ଓ ଶ୍ରୀମଦ୍‌ଭାଗବତ ଏବଂ ଅନ୍ୟାନ୍ୟ କେତେକ ବୈଦିକୋତ୍ତର ଗ୍ରନ୍ଥର ଉଦାହରଣ ପାଠକମାନଙ୍କ ଅବଗତି ନିମନ୍ତେ ଦିଆଯାଇଅଛି । ସେହିପରି ଶ୍ରୀମଦ୍ ଭଗବଦ୍ ଗୀତାରେ 'ପୁରୁଷୋତ୍ତମ' ଶବ୍ଦର ବ୍ୟାପକ ପ୍ରଚଳନ ରହିଛି । ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ 'ପୁରୁଷୋତ୍ତମ' ଅର୍ଥାତ୍ 'ଉତ୍ତମ ପୁରୁଷ' ବୋଲି ସମ୍ବୋଧନ କରିଛନ୍ତି । ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁ ଓ ବ୍ରହ୍ମ ଉଭୟର ଏକ ଅପୂର୍ବ ସମନ୍ୱୟ ଅର୍ଥାତ୍ ସ୍ଥୂଳ ଓ ସୂକ୍ଷ୍ମ ବା ଅକ୍ଷର ଓ କ୍ଷର ପୁରୁଷ ଠାରୁ ଉର୍ଦ୍ଧ୍ୱରେ ଏକ ଉତ୍ତମ ପୁରୁଷ ବା 'ପୁରୁଷୋତ୍ତମ' । ବିଜ୍ଞାନୀମାନଙ୍କ ମତରେ ଦାରୁ ହିଁ ଜୀବଜଗତର ପରିପୂରକ ଏବଂ ଯେ ପର୍ଯ୍ୟନ୍ତ ପୃଥିବୀ ପୃଷ୍ଠରେ ଅନ୍ତିମ 'ଦାରୁ' ବିଦ୍ୟମାନ ଥିବ ସେ ପର୍ଯ୍ୟନ୍ତ ଜୀବଜଗତ ବଞ୍ଚି ରହିଥିବ । ଏଥିପାଇଁ ଶ୍ରୀଜଗନ୍ନାଥ ଦାରୁମୟ ଶକ୍ତିରେ ପ୍ରତିଷ୍ଠିତ ଚତୁର୍ଦ୍ଧାମୂର୍ତ୍ତି ବୋଲି ଅନେକ ଆଲୋଚକ ମନେକରନ୍ତି । ଅନେକ ମହାପୁରୁଷ ସଚ୍ଚିଦାନନ୍ଦ 'ବ୍ରହ୍ମ' ହିଁ ଦାରୁ ରୂପରେ ଏହି ଭାବରେ ପ୍ରକଟିତ ହୋଇଛନ୍ତି ବୋଲି ମତ ଦେଇଛନ୍ତି । ଏହି ବିଗ୍ରହ ଦର୍ଶନ କଲେ ବ୍ରହ୍ମ ଦର୍ଶନ ହୁଏ । ଅତଏବ ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହ ହେଉଛି ସାଧାରଣ ଜନତାଙ୍କ ପାଇଁ ସୂକ୍ଷ୍ମତମ ଅଦୃଶ୍ୟ ବ୍ରହ୍ମର ଏକ ସ୍ଥୂଳ ତଥା ଦୃଶ୍ୟମାନ ପରିପ୍ରକାଶ । ଶ୍ରୀଜଗନ୍ନାଥଙ୍କର ଦାରୁବିଗ୍ରହ ମଧ୍ୟରେ ଯେଉଁ 'ବ୍ରହ୍ମ' ସଂସ୍ଥାପିତ, ଦାର୍ଶନିକ ଭାଷାରେ ସେ ହେଉଛନ୍ତି 'ଅକ୍ଷର ପୁରୁଷ' ବୋଲି ତାଦାତ୍ମ୍ୟ ପ୍ରକାଶ କରାଯାଇଛି । ସେ ଅବିନାଶୀ ଓ ଅପରିବର୍ତ୍ତନଶୀଳ । ଯେଉଁ ସ୍ଥୂଳ ରୂପ ଆମର ଦୃଷ୍ଟିଗୋଚର ହୁଏ, ତାହା ହେଉଛି 'କ୍ଷର ପୁରୁଷ' । ସୁତରାଂ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଉଭୟ କ୍ଷର ଓ ଅକ୍ଷର ପୁରୁଷର ସମନ୍ୱୟରୁ ସମ୍ଭୂତ ଏକ ଅପୂର୍ବ ସାମଗ୍ରିକ ସତ୍ତା । ଯାହା ଯଥାର୍ଥରେ 'ପୁରୁଷୋତ୍ତମ' । ସେ ମଧ୍ୟ ଗୁଣାତୀତ ଓ ଇନ୍ଦ୍ରିୟାତୀତ । 'ଦାରୁବ୍ରହ୍ମ' ରୂପେ ବିଦିତ ଶ୍ରୀଜଗନ୍ନାଥଙ୍କର ବିଗ୍ରହ ହିଁ ପୂର୍ଣ୍ଣ ଚୈତନ୍ୟମୟ ଓ ସଚ୍ଚିଦାନନ୍ଦ । ସ୍ଥୂଳତଃ ସେ ହସ୍ତପାଦ ବିହୀନ ହେଲେ ମଧ୍ୟ ହସ୍ତପାଦଯୁକ୍ତ । ସେ ଯେ ସର୍ବଦ୍ରଷ୍ଟା, ସର୍ବକର୍ତ୍ତା ଓ ସର୍ବହର୍ତ୍ତା- ଏଥିରେ ସନ୍ଦେହ ନାହିଁ ।

ବିଜ୍ଞାନୀମାନଙ୍କ ଦୃଷ୍ଟିରୁ ଅନୁଶୀଳନ କଲେ ଜଣାଯାଏ ଯେ, ନିରାକାରରୁ ହିଁ ସାକାର ସୃଷ୍ଟି ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହକୁ ଲକ୍ଷ୍ୟ କଲେ ଏହାର ସତ୍ୟତା ପରିଦୃଷ୍ଟ ହୁଏ । ବ୍ରହ୍ମ ଅସୀମ ଓ ଅନନ୍ତ ହୋଇଥିବାରୁ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଅସୀମ ମହାକାଶର ବର୍ଣ୍ଣ ଅର୍ଥାତ୍ କୃଷ୍ଣବର୍ଣ୍ଣ ଧାରଣ କରିଛନ୍ତି । ଶ୍ରୀମନ୍ଦିରରେ ତିନୋଟି ଦାରୁବିଗ୍ରହରେ ଦେହ ଓ ଦେହୀ, ସୃଷ୍ଟି ଓ ସ୍ରଷ୍ଟା, ଗୁଣ ଓ ଗୁଣୀର ଭାବ ପ୍ରକାଶିତ ହୁଏ । ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଭେଦ, ଅଭେଦ ଓ ଭେଦାଭେଦ ନାମରେ ଯେଉଁ ତିନି ପ୍ରକାର ସମ୍ବନ୍ଧ ରହିଛି ତାହାକୁ ସାଧାରଣତଃ ପୁରୁଷ, ପ୍ରକୃତି ଓ ପରମ ନାମରେ ଅଭିହିତ କରାଯାଇଥାଏ । ରତ୍ନସିଂହାସନରେ ଆସୀନ ତ୍ରିମୂର୍ତ୍ତି ମଧ୍ୟରେ ଶ୍ରୀବଳଭଦ୍ର ହେଉଛନ୍ତି ପୁରୁଷ, ସୁଭଦ୍ରା ହେଉଛନ୍ତି ପ୍ରକୃତି ଏବଂ ଶ୍ରୀଜଗନ୍ନାଥ ପରମ ବା ପୁରୁଷୋତ୍ତମ । ଅତଏବ ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହ ବେଦ ଓ ଶାସ୍ତ୍ରାଦି ଦୃଷ୍ଟିରୁ ପ୍ରକୃତ ବ୍ରହ୍ମତ୍ୱ ପ୍ରତିପାଦି କରୁଥିବାରୁ ସେ ହିଁ ଯଥାର୍ଥରେ ଜଗତର ନାଥ ବା ବିଶ୍ୱନିୟନ୍ତା ରୂପେ ଅଧିଷ୍ଠିତ ।

ସୌଜନ୍ୟ : ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭୂତ୍ତିଭୂମି ପୁସ୍ତକ ।
(ଉକ୍ତ ଆଲୋଚ୍ୟ ୨୦୧୦ ମସିହା ଫେବୃୟାରୀ ୧୩ ତାରିଖରେ ପ୍ରକାଶିତ ଶ୍ରୀମନ୍ଦିର ସମାଚାରରୁ ସଂଗୃହୀତ)

pūrba prakāśita uttāru ....

# ସ୍ୱଉ୍ୱଲିପିରେ ଶ୍ରୀମନ୍ଦିର ନୀତି

## (୫୬) - ରକ୍ମିଣୀ ହରଣ ଏକାଦଶୀ ଓ ବିବାହ

ଏହି ନୀତି ଜ୍ୟେଷ୍ଠ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ହୁଏ । ଏହି ଦିନ ସକାଳ ଧୂପ ପୂଜା ବସିବା ସମୟରେ ଦକ୍ଷିଣି ଘରେ ମଦନମୋହନଙ୍କର ବେଶ ଆରମ୍ଭ ହେବ ।



ସକାଳ ଧୂପ ପୂଜା ବଢ଼ି ଭିତରେ ପାଣି ପଡ଼ିବା ଉତ୍ତାରେ ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଲକ୍ଷ୍ମୀ ଠାକୁରାଣୀଙ୍କୁ ଦେବେ । ଏ ଉତ୍ତାରେ ମହାଜନେ ଲକ୍ଷ୍ମୀଙ୍କୁ ହାତରେ ବିଜେ କରାଇ ସାତ ପାହାଚଠାରେ ଥିବା ପାଲିଙ୍କିରେ ବିଜେ କରାଇବେ ଓ ବିମାନବଡୁମାନେ ପାଲିଙ୍କି ନେଇ ଲକ୍ଷ୍ମୀଙ୍କ ମନ୍ଦିରଠାରେ ରଖିବେ । ସେଠାରେ ମହାଜନେ ଠାକୁରାଣୀଙ୍କୁ ପାଲିଙ୍କିରୁ ହାତରେ ବିଜେ କରାଇନେଇ ଲକ୍ଷ୍ମୀଙ୍କ ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରାଇବେ । ଏଠାରେ ଏହାଙ୍କର ପଞ୍ଚାମୃତରେ ମହାସ୍ନାନ ହେବ । ମାଜଣା ହେବ । ବନକଲାଗି ହେବ । ଭଣ୍ଡାରମେକାପ ଦେଇଥିବା ଅଳଙ୍କାରମାନ ଲାଗିହୋଇ ବେଶ ହେବ । ଏହି ବେଶ ହେଉଥିବା ସମୟରେ ତଢ଼ାଉ ପଟ୍ଟନାୟକ (ଲକ୍ଷ୍ମୀଙ୍କର ବିଶ୍ୱସ୍ତ ରୂପେ ତାଳପତ୍ର ଓ ଲେଖନ ନେଇ ଉପସ୍ଥିତ ହେବେ । ଭିତରଚ୍ଛୁ ମହାପାତ୍ର ଉକ୍ତ ତାଳପତ୍ର ଓ ଲେଖନ ନେଇ ଶ୍ରୀହସ୍ତ ଛୁଆଁ କରାଇ ତଢ଼ାଉଙ୍କୁ ଦେବେ । ତଢ଼ାଉ ଠିଆହୋଇ ରକ୍ମିଣୀଙ୍କ ମନୋଭାବ ମହାପ୍ରଭୁଙ୍କ ନିକଟକୁ ଚିଟାଉରେ (ତାଳପତ୍ରରେ) ଲେଖିବେ । ଦକ୍ଷିଣି ଘରେ ମଦନମୋହନଙ୍କର ବେଶ ବଢ଼ିଲା ଉତ୍ତାରେ ସେ ଭିତର ସିଂହାସନକୁ ବିଜେ କରିବେ । ଭୋଗମଣ୍ଡପ ସରିବା ପରେ ମଦନମୋହନ ଭିତରୁ ଆଜ୍ଞାମାଳ ପାଇ ଜୟ-ବିଜୟ ଦ୍ୱାରକୁ ବିଜେ କରି ସେଠାରେ ରହିବେ । ଏହାପରେ ଭିତରେ ଆଲଟ ଲାଗି ହୋଇ ଭିତର ଦୁଆର ବନ୍ଦହେବ ।

### ରକ୍ମିଣୀଙ୍କ (ଲକ୍ଷ୍ମୀଙ୍କ) ଚିଟାଉ

ଲେଖା ସରିବାପରେ ଭିତରଚ୍ଛୁ ମହାପାତ୍ର ଉକ୍ତ ଚିଟାଉ ନେଇ ଚନ୍ଦନରେ ଲକ୍ଷ୍ମୀଙ୍କ ଶ୍ରୀହସ୍ତ ମୁଦ କରାଇବେ । ଏ ଉତ୍ତାରେ ଜଣେ ସେବକ (ବିପ୍ର ବ୍ରାହ୍ମଣ ରୂପେ) ଚିଟାଉ ନେଇ ଘଣ୍ଟ, ଛତା ଓ କାହାଳୀ ସହ ଜୟ-ବିଜୟ ଦ୍ୱାରଠାରେ ମହାପ୍ରଭୁଙ୍କ ନିକଟକୁ ଆଣିବ । ଏଠାରେ ପୁରାଣପଣ୍ଡା, ପୂଜାପଣ୍ଡା ଓ ପାଳିଆ ଖୁଣ୍ଟିଆ ଥାଇ ବଚନିକାମାନ ହୋଇବ । ଏହାପରେ ମଦନମୋହନ ସାତପାହାଚଠାରେ ଥିବା ବିମାନରେ ବିଜେ କରିବେ । ବିମାନବଡୁମାନେ ରଥ ନେଇ ବିମଳା ଠାକୁରାଣୀଙ୍କ ମନ୍ଦିର ନିକଟରେ ରଖିବେ । ମଦନମୋହନ ରଥରେ ବିଜେ କରି ଅପେକ୍ଷା କରି ରହିବେ । ଲକ୍ଷ୍ମୀଙ୍କ ମନ୍ଦିରଠାରୁ ଠାକୁରାଣୀ ପାଲିଙ୍କିରେ ବିଜେହୋଇ ଦାସୀ (ମାହାରୀ)ଙ୍କୁ ସଙ୍ଗରେ ଘେନି ଗ୍ରାମଦେବତୀ ପୂଜା କରିବାକୁ ବିମଳାଙ୍କ ମନ୍ଦିରକୁ ଆସିବେ । ଏଠାରେ ଭିତରଛ ମହାପାତ୍ର ବିମଳାଙ୍କୁ ଚନ୍ଦନ ପ୍ରସାଦ ଲାଗି କରିବେ । ଗ୍ରାମଦେବତୀ ପୂଜାକରିବା ନିମନ୍ତେ, ପର୍ବଯାତ୍ରାଯୋଗାଣିଆ ଦେଇଥିବା ସାମଗ୍ରୀମାନ ବିମଳାଙ୍କ ଶ୍ରୀଅଙ୍ଗରେ ଛୁଆଁ ହୋଇ ପୂଜା ବଢ଼ିବା ଉତ୍ତାରେ ବିମଳାଙ୍କ ଶ୍ରୀଅଙ୍ଗରୁ ଏକ ଖଣ୍ଡି ଆଜ୍ଞାମାଳ ଲକ୍ଷ୍ମୀଙ୍କୁ ଦେବେ । ଏହାପରେ ଲକ୍ଷ୍ମୀ ବାହାରକୁ ଆସିବାକୁ ବିଜେ ହେବେ । ଲକ୍ଷ୍ମୀ ଠାକୁରାଣୀ ବାହାରକୁ ଆସିବା ସମୟରେ, ମହାପ୍ରଭୁ ବିମଳା ମନ୍ଦିର ଦ୍ୱାର ନିକଟରେ ରଥରେ ବିଜେ ଥାଇ ଲକ୍ଷ୍ମୀଙ୍କୁ ହରଣ କରି ଭିତରଚ୍ଛୁ ମହାପାତ୍ର ଲକ୍ଷ୍ମୀଙ୍କୁ ଉଠାଇ ନେଇ) ରଥରେ ବସାଇବେ । ଲକ୍ଷେ ରାଜାଙ୍କୁ ପରାସ୍ତ କରିବେ । ସରସ୍ୱତୀଙ୍କ ଦେଉଳ ଆଗରେ ଶିଶୁପାଳକୁ ପରାସ୍ତ କରି ରଥରେ ବାନ୍ଧିନେବେ । ଏହାପରେ ଦକ୍ଷିଣି ଘରୁ ବଳଦେବ ବିମାନରେ ବିଜେହୋଇ ଆସିବେ । ଶିଶୁପାଳକୁ ବନ୍ଧନରୁ ମୁକ୍ତ କରାଇ ପୁନର୍ବାର ଦକ୍ଷିଣିଘରକୁ ବିଜେ କରିବେ । ଲକ୍ଷ୍ମୀ ଓ ମଦନମୋହନ ବାଟରେ ପନ୍ତିଭୋଗମାନ ମଣୋହି ହୋଇ ବିବାହହେବା ନିମନ୍ତେ ବିବାହ ମଣ୍ଡପରେ ବିଜେ କରିବେ । ଏହାପରେ ଚନ୍ଦନ ଲାଗି ହୋଇବ । ଭିତରେ ପାଣି ପଡ଼ି ଧୋ ପଖାଳ ହୋଇ ଯାତଭୋଗ ଉଠିବ । ଏହାପରେ ଜଳକ୍ରୀଡ଼ା ସକାଶେ ଏକା ଦୋଳଗୋବିନ୍ଦ ବିଜେ କରିବେ । ଜଳକ୍ରୀଡ଼ା ବଢ଼ିବା ଉତ୍ତାରେ ମଧ୍ୟାହ୍ନ ଧୂପ ପୂଜା ବସିବ । ମଧ୍ୟାହ୍ନ ଧୂପ ପୂଜା ବଢ଼ି ଭିତର ଧୋ ପଖାଳ ସରିଲେ ସନ୍ଧା ଆଳତୀ ହୋଇବ । ଏହାପରେ ମହାସ୍ନାନ ହୋଇ ନୂଆଲୁଗା ଲାଗି ହେବ । ସର୍ବାଙ୍ଗ ହେବ । ସର୍ବାଙ୍ଗ ବଢ଼ିଲା ପରେ ସନ୍ଧ୍ୟା ଧୂପ ପୂଜା ବସିବ । ଭିତରେ ସନ୍ଧ୍ୟା ଧୂପ ପୂଜା ବସିବା ସମୟରେ ବିବାହ ମଣ୍ଡପରେ ବିବାହ କାର୍ଯ୍ୟ ନୀତି ଆରମ୍ଭ ହେବ । ପଣ୍ଡା, ପତି, ମୁଦିରସ୍ତ ଓ ଭିତରଛ ଥାଇ ପର୍ବ ଯାତ୍ରା ଯୋଗାଣିଆ ଦେଇଥିବା ବିବାହ ସାମଗ୍ରୀମାନ ବୁଝି ନେବେ ଓ ସଂକଳ୍ପ ବାକ୍ୟ ଅନୁସାରେ ବିବାହ କାର୍ଯ୍ୟ ସମ୍ପନ୍ନ କରିବେ । ବିବାହ ସରିବା ପରେ ଆସ୍ଥାନ ପଢ଼ିଆରୀ ମେକାପ ସରଘର ଠାକୁ ପଞ୍ଚଗ୍ରାସୀ ଭୋଗ ଡାକିଯିବ । ବିବାହମଣ୍ଡପରେ ପଞ୍ଚଗ୍ରାସୀ ଭୋଗ ହେବ ଓ ବନ୍ଦାପନା ହେବ । ଏହାପରେ ବରକନ୍ୟା ଭିତରକୁ ବିଜେ କରିବେ । ଭିତରେ ଦୈନନ୍ଦିନ ବଡ଼ସିଂହାର ଭୋଗ ହୋଇ ପଇଡ଼, ବିଡ଼ିଆ ମଣୋହି ହୋଇ ଦୈନନ୍ଦିନ ନୀତି ଅନୁଯାଇ ପହୁଡ଼ ହେବ । ପରଦିନ ମଙ୍ଗଳ ଆଳତି ପରେ ମହାଜନେ ବରକନ୍ୟାଙ୍କୁ ହାତରେ ବିଜେ କରାଇ ଆଣି ଦକ୍ଷିଣିଘର ଠାରେ ପଡ଼ିଥିବା ଖଟ ଉପରେ ବିଜେ କରାଇବେ । ଏହାପରେ ଭିତରେ ଦୈନନ୍ଦୀନ ଅବକାଶ ନୀତି ହେବ ।●

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'କୋଠ କରଣ'ଙ୍କ କାର୍ଯ୍ୟ କ'ଣ ?

ଉ - ଶ୍ରୀମନ୍ଦିରର କରଣ ସେବକ । ଏହି ସେବକ ଶିରସ୍ତା ଲେଖନ୍ତି । ପର୍ବପର୍ବାଣୀ ଭୋଗତାଲିକା ଦେଉଳକରଣ ଠାରୁ ନେଇ ରୋଷରେ ଦିଅନ୍ତି । ଚନ୍ଦନ ଯାତ୍ରା ସମୟରେ ଝପ ଉପରେ ଛୁରୀ ଓ ଖଣ୍ଡା ଧରି ସେବା କରନ୍ତି । ଠାକୁରଙ୍କ ଭୋଗ ପ୍ରଭୃତିର ତତ୍ତ୍ୱ ନେଉଥିବା ରାଜକର୍ମଚାରୀ ଛାମୁ କରଣ ।

୨. ପ୍ର - ଶ୍ରୀମନ୍ଦିରରେ 'କୋଠଭୋଗ'ର ମହତ୍ୱ କ'ଣ ?

ଉ - ଏହା ହେଉଛି ଶ୍ରୀମନ୍ଦିରରେ ଖଞ୍ଜା ଭୋଗ । 'ଭଅଣ୍ଡ' ବା 'ଭୋଗମଣ୍ଡପ' ଭୋଗ କୋଠଭୋଗ ନୁହେଁ । ତାହା ସରକାରୀ ଭୋଗ କିମ୍ବା ବରାଦି ଭୋଗ । ଦେବତାଙ୍କ ନିକଟରେ ପ୍ରତିଦିନ ଭୋଗ ହେବା ନିମନ୍ତେ ଖଞ୍ଜା ଥିବା ନିର୍ଦ୍ଦିଷ୍ଟ ଭୋଗ । ଏହା ରାଜାଙ୍କ ଦ୍ୱାରା ଖଞ୍ଜା ହୋଇଥାଏ । ଦେବତାଙ୍କ ପାଣ୍ଠିରୁ ଦିଆଯାଏ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କୁ କୋଠଭୋଗ ଖିଆ ବୋଲି କବିମାନେ ଆଖ୍ୟା ଦେଇଛନ୍ତି ।

୩. ପ୍ର - ଶ୍ରୀମନ୍ଦିରରେ 'କୋଠଭୋଗ ପାଣିଆ ସେବକ'ଙ୍କ କାର୍ଯ୍ୟ କ'ଣ ?

ଉ - 'କୋଠଭୋଗ' ନିମନ୍ତେ ପାଣି ଯୋଗାଉଥିବା ସେବକ । ରୋଷ କୂଅରୁ ପାଣି ଆଣି କୋଠଭୋଗ ରୋଷକୁ ଯୋଗାଇବା, ନୀଳାଦ୍ରି ମହୋତ୍ସବ, ସହସ୍ରାକୁମ୍ଭାଭିଷେକ ଓ ପୁଷ୍ୟାଭିଷେକରେ ଜଳ ଯୋଗାଇବା ଏମାନଙ୍କର କାର୍ଯ୍ୟ ।

୪. ପ୍ର - ଶ୍ରୀମନ୍ଦିର ଶବ୍ଦକୋଷରେ 'କୋପରା' ଶବ୍ଦର ଅର୍ଥ କ'ଣ ?

ଉ - ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଡ଼ସିଂହାର ସମୟରେ ଶ୍ରୀମୁଖ ସିଂହାରୀ ସୁନା କୋପରାରେ (ସୁନା ଗିନାରେ) କର୍ପୂର ମିଶ୍ରିତ ଜଳରେ 'ଝୋଲି ଲୁଗା' ବୁଡ଼ାଇ ଶ୍ରୀମୁଖମାନ ପୋଛନ୍ତି ।

୫. ପ୍ର - ଶ୍ରୀମନ୍ଦିର ଶବ୍ଦକୋଷରେ 'କୋଥଳି' ଶବ୍ଦର ଅର୍ଥ କ'ଣ ?

ଉ - ଏହା ହେଉଛି ମୋଟା କନାର ଥଳି । ତିଳକ ଓ ପୂଜାର ଉପାଦନା ରଖିବା ମୁଣି । ପ୍ରାଚୀନ କାଳରେ ଏହାର ବହୁଳ ବ୍ୟବହାର ଥିଲା ।

୬. ପ୍ର - ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା 'କୋରା'ର ବ୍ୟବହାରିତା କ'ଣ?

ଉ - ଏହା ହେଉଛି କୋରା ହୋଇଥିବା ନଡ଼ିଆ ଶସର କ୍ଷୁଦ୍ର କ୍ଷୁଦ୍ର ଅଂଶ ବିଶେଷ । ଗୁଡ଼ ବା ଚିନିରେ ପାଗ ହୋଇ ଅଳେଇଚ ସହ ନଡ଼ିଆ କୋରାରେ ପ୍ରସ୍ତୁତ ଏକ ମିଷ୍ଟାନ୍ନ । ଶ୍ରୀମନ୍ଦିରର ଶ୍ରୀବିଗ୍ରହମାନଙ୍କ ମାଜଣା ଓ ଏକାନ୍ତରେ ଏହା ଭୋଗ ହୋଇଥାଏ । ପଙ୍କ୍ତି ଭୋଗରେ, ବିମଳା ଠାକୁରାଣୀଙ୍କ ଠାରେ, ଗର୍ଭଣା ସଂକ୍ରାନ୍ତିରେ, ଝୁଲଣରେ, ଗଣେଶ ଚତୁର୍ଥୀ ପ୍ରଭୃତି ପୂଜାରେ କୋରା ଅନ୍ୟାନ୍ୟ ମିଷ୍ଟାନ୍ନ ସହିତ ବ୍ୟବହୃତ ହୁଏ । ବାହାର ବେଢ଼ାରେ ଥିବା ଏକ ଘରେ ଅମଣିଆ କୋରା ଭୋଗ ତିଆରି ହୁଏ ।

*● ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା ...*


# ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସମ୍ପର୍କିତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

## (୭) ୧୮୨୨ ମସିହା ପୁରୀ ରଥଯାତ୍ରା

କଟକ ସଂବାଦ ଦାତାଙ୍କଠାରୁ ଏସିଆଟିକ ଜର୍ଣ୍ଣାଲ୍‌କୁ ପଠାଯାଇଥିବା ବାର୍ତ୍ତା, ଜାନୁଆରୀ-ଜୁନ୍-୧୮୨୪ ।

ସ୍ନାନ ଯାତ୍ରାର ୧୫ ଦିନ ପରେ ବା ଆଷାଢ଼ ଅମାବାସ୍ୟା ତିଥିରେ ରଥଯାତ୍ରା ମହୋତ୍ସବ ଅନୁଷ୍ଠିତ ହୁଏ । ରଥ ଉପରେ ଯେଉଁ ମଞ୍ଚରେ ଜଗନ୍ନାଥ ମହାପ୍ରଭୁ



ଅଧିଷ୍ଠିତ ହୁଅନ୍ତି, ତାହା ପ୍ରାୟ ୨୩ ବର୍ଗଫୁଟ ଓ ସମ୍ପୂର୍ଣ୍ଣ ରଥଟି ଭୂମି ଠାରୁ ୩୮ ଫୁଟ ଉଚ୍ଚତା ବିଶିଷ୍ଟ । ବିଭିନ୍ନ ମୂର୍ତ୍ତି ଓ ରଙ୍ଗ ଦ୍ୱାରା କାଷ୍ଠ ନିର୍ମିତ ରଥକୁ ସୁସଜ୍ଜିତ କରା ଯାଇଥାଏ । ରଥର ଉଚ୍ଚ ଗମ୍ବୁଜ ଅଂଶଟିକୁ ବିଲାତି ରଙ୍ଗୀନ ପଶମ କନା ଦ୍ୱାରା ଆଚ୍ଛାଦିତ କରାଯାଇଥାଏ । ଏହି ରଥର ଏକ ପାର୍ଶ୍ୱରେ ଏକ ବିରାଟକାୟ କାଷ୍ଠ ମୂର୍ତ୍ତି ସାରଥୀ ଭାବରେ ସ୍ଥାନ ପାଇଥାଏ ଏବଂ ସାମନାରେ କେତେକ କାଷ୍ଠ ନିର୍ମିତ ଘୋଡ଼ା ଦୁଇ ଗୋଡ଼ ଟେକି ଦୌଡ଼ିବା ଭଙ୍ଗିମାରେ ବନ୍ଧା ହୁଏ । ରଥକୁ ଟାଣିବା ପାଇଁ ଛଅ ଗୋଟି ମୋଟା ଦଉଡ଼ି ଏହି ରଥ ସହିତ ବନ୍ଧା ହୁଏ । ସନ ୧୮୨୨ ମସିହା ଜୁନ ୧୪ ତାରିଖ ଦିନ ଅନବସର ପରେ ପ୍ରଥମ ମନ୍ଦିର ଖୋଲା ଯାଇଥିଲା । ଜଗନ୍ନାଥ ମହାପ୍ରଭୁଙ୍କର ପୂଜା ନିମନ୍ତେ ବହୁତ ଯାତ୍ରୀ ସମାଗମ ହୋଇଥିଲା । କୌଣସି ପ୍ରକାର ଦୁର୍ଘଟଣା ଯେପରି ନ ଘଟେ ସେଥିପାଇଁ ବ୍ରିଟିଶ ସରକାର ସବୁପ୍ରକାର ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରିଥିଲେ । କିନ୍ତୁ ମନ୍ଦିର ଭିତରେ କେବଳ ହିନ୍ଦୁମାନଙ୍କର ପ୍ରବେଶ ଅଧିକାର ଥିବା ଯୋଗୁଁ ମନ୍ଦିର ଭିତରେ ଯେପରି ଏକାଠି ବହୁତ ଯାତ୍ରୀ ଜମା ହୋଇ ନ ରୁହନ୍ତି, ଏଥି ନିମନ୍ତେ ବ୍ରିଟିଶ ସରକାରଙ୍କୁ ସେବାୟତମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥିଲା । ଦୁର୍ଭାଗ୍ୟବଶତଃ ସେମାନେ ଅବହେଳା କରିଥିଲେ । ମନ୍ଦିରର ଫାଟକ ଖୋଲିବା ମାତ୍ରେ ସ୍ତ୍ରୀ, ପୁରୁଷ ଏବଂ ଛୋଟ ପିଲା ସମସ୍ତେ ଠେଲି ହୋଇ ଭିତରକୁ ଯିବାକୁ ଆରମ୍ଭ କଲେ । ସେମାନେ ମୁଖ୍ୟ ମନ୍ଦିର ସମ୍ମୁଖସ୍ଥ ଚତୁଃଷ୍କୋଣ ବିଶିଷ୍ଟ ମନ୍ଦିରରେ ପହଞ୍ଚି ସିଡ଼ି ଦେଇ ଓହ୍ଲାଇଲା ବେଳକୁ ପିଚ୍ଛିଳ ପାହାଚରେ ଗୋଡ଼ ଖସିଯାଇ ଅଠର ଜଣ ମହିଳା ପଡ଼ିଯାଇଥିଲେ ଏବଂ ସେମାନଙ୍କୁ କେହି ଉଠାଇବା ପୂର୍ବରୁ ଭିଡ଼ରେ ଦଳା ଚକଟାରେ ପ୍ରାଣ ହରାଇଥିଲେ । ଶେଷରେ ବହୁ କଷ୍ଟରେ ପୁଣି ମନ୍ଦିର ଫାଟକ ବନ୍ଦ କରାଗଲା ଏବଂ ସେହି ଶରୀରଗୁଡ଼ିକ ପରୀକ୍ଷା କରାଗଲା, କିନ୍ତୁ ସେତେବେଳକୁ ବହୁତ ଡେରୀ ହୋଇଯାଇଥିବାରୁ ସେମାନଙ୍କର ଜୀବନରକ୍ଷା ହୋଇ ପାରିଲା ନାହିଁ ।

ଏଇ ଅଦ୍‌ଭୁତ ଅସୁବିଧାର ବିଷୟ ହେଲା ସେହି ଶବଗୁଡ଼ିକୁ ଏକ ନୀଚ ଜାତିର ଲୋକ ଛଡ଼ା ଅନ୍ୟମାନେ କେହି ଛୁଇଁବେ ନାହିଁ ଏବଂ ସେହି ନୀଚ ଜାତିର ଲୋକମାନଙ୍କର ମନ୍ଦିର ଭିତରକୁ ପ୍ରବେଶ ନିଷେଧ । ଯେଉଁ ଫାଟକ ଦେଇ ଏହି ଶବ ବାହାର କରାଯିବ, ସେହି ବାଟ ଦେଇ ପରବର୍ତ୍ତୀ ସମୟରେ କେହି ଆସିବାକୁ ଋହିଁବେନି, କାରଣ ପରବର୍ତ୍ତୀ ଆଗନ୍ତୁକ ପାଇଁ ତାହା ଏକ ଅଶୁଭ ସଂକେତ ହେବ । ଏହି ସବୁ ସମସ୍ୟାର ସମାଧାନ କରିବାକୁ ଯାଇ ଶେଷରେ ଆଙ୍କୁଶ ଓ ଦଣ୍ଡା ଦ୍ୱାରା ଏହି ଶବଗୁଡ଼ିକୁ ସ୍ଥାନାନ୍ତରୀତ କରାଗଲା ଏବଂ ମନ୍ଦିର ପ୍ରାଚୀର ଦେଇ ବାହାରକୁ ଫୋପାଡ଼ି ଦିଆ ଯାଇଥିଲା । ରଥଯାତ୍ରା ଉତ୍ସବ ଏକ ସପ୍ତାହ ବିଳମ୍ବରେ ପାଳନ କରାଯାଇଥିଲା । ୧୮୨୨ ମସିହା ଜୁନ୍ ୨୧ ତାରିଖ ଦିନ ପୁରୀ ସହର ଯାତ୍ରୀ ସମାଗମରେ ପରିପୂର୍ଣ୍ଣ ହୋଇଥିଲା । ଇଉରୋପୀୟାନ ପୁରୁଷ ଏବଂ ସ୍ତ୍ରୀମାନେ ରଥ ନିକଟରେ ହାତୀ ଉପରେ ବସି ଏହି ଯାତ୍ରା ଦେଖୁଥିଲେ । ଛଅଜଣ ତୀର୍ଥଯାତ୍ରୀ ରଥ ଦଉଡ଼ି ଟାଣିବା ଆଶାରେ ରଥର ଅତି ନିକଟରେ ଠିଆ ହୋଇ ରହିଥିଲେ । କିନ୍ତୁ ହଠାତ୍ ଦଉଡ଼ିଟି ଅନ୍ୟମାନଙ୍କ ହାତରୁ ଖସିଯାଇ ସ୍ଥାନଚ୍ୟୁତ ହୋଇଥିଲା ଏବଂ ସେହି ଛଅଜଣ ଲୋକ ଗହଳି ଭିତରେ ଅନ୍ୟମାନଙ୍କ ଦ୍ୱାରା ଉପେକ୍ଷିତ ହୋଇ ପଡ଼ିଯାଇଥିଲେ । ସେମାନଙ୍କ ଭିତରେ ଋରିଜଣଙ୍କ ଶରୀର ଟୁକୁରାରେ ପରିଣତ ହୋଇଯାଇଥିଲା, ପଞ୍ଚମ ବ୍ୟକ୍ତିଙ୍କର ଗୋଡ଼ଟି ଅତି ଶୋଚନୀୟ ଭାବରେ ଭାଙ୍ଗି ଯାଇଥିଲା ଏବଂ ଷଷ୍ଠ ଜଣକ ଦୁଇଟି ଚକ ମଝିରେ ପଡ଼ିବା ଯୋଗୁଁ ଅକ୍ଷତ ଅବସ୍ଥାରେ ବଞ୍ଚିଥିଲେ । ●

*ଐତିହ୍ୟ ପୃଷ୍ଠାରୁ ...*

# ହାତଛଡ଼ା ହୋଇଗଲା ଦିବ୍ୟ ସୁଯୋଗ

ମହାପ୍ରଭୁଙ୍କ ଉପାସନା ସହିତ ଜଡ଼ିତ ରହିଲେ ସମର୍ପିତ ଭକ୍ତଟିଏ କୃପା ଲାଭ କରେ । ସେହି କୃପାକୁ 'ଦିବ୍ୟକୃପା' କୁହାଯାଏ । ଇଥିପାଇଁ ସକାରାତ୍ମକ ଚିନ୍ତା ଓ ପର-ଉପକାର ମାନସିକତାକୁ ସାଇତି ରଖିବାକୁ ହୁଏ । ତଥାପି ବେଳେ ବେଳେ ବାଟ ହୁଡ଼ିଯିବା ଅସମ୍ଭବ ନୁହେଁ । ବାଟ ହୁଡ଼ି ନ ଯିବା ପାଇଁ ନୀଳାଚଳରେ ଲୀଳା ଲଗେଇଛନ୍ତି ଶ୍ରୀନୀଳାଦ୍ରିନାଥ ।

ସାଧାରଣ ଭକ୍ତ ଲୀଳାର ରହସ୍ୟ ମୂଳରେ ପହଞ୍ଚି ନ ପାରେ, କିନ୍ତୁ ବାହ୍ୟଲୀଳାରେ ସାମିଲ ହେଲେ ଅଜାଣତରେ ବି ତା ମନରେ ପର-ଉପକାର ଭାବନା ଉଙ୍କିମାରେ । ଆସ୍ତେ ଆସ୍ତେ ସେ ତନ୍ମୟ ହୁଏ । ଦିବ୍ୟ ଭାବନା କାଳରେ କାହାରି ନାଁ କାହାରି ମାଧ୍ୟମରେ କୃପା ନିକଟତର ହୁଏ । ଗ୍ରହଣ କରିବାର ମାନସିକତା ନ ରହିଲେ ମଣିଷ ଆନମନା ହୋଇଯାଏ । ସୁଯୋଗ ହାତଛଡ଼ା ହୋଇଯାଏ ।

ୟାର ଚମକପଦ ଐତିହ୍ୟଟିଏ ଆମେ ପାଇଲୁ ଶ୍ରୀକ୍ଷେତ୍ରରୁ । ପ୍ରାଚୀନ ଲୋକକଥା । ଉଆଁସ ଦାଣ୍ଡରେ ଯମରାଜ ଦେଖିଲେ ରାତିର ଶେଷ ପହରରେ ଲୋକଟିଏ ଯାଉଛି । ସେ ବା କାହିଁକି ଛଦ୍ମବେଶୀ ଯମରାଜଙ୍କୁ ଚିହ୍ନିବ ! ଯମରାଜା ତାକୁ ପାଣି ପିଇବାକୁ ମାଗିଲେ । ଲୋକଟି ସଙ୍ଗେ ସଙ୍ଗେ ପାଣି ଯୋଗାଡ଼ କରି ପିଇବାକୁ ଦେଲା । ପାଣି ପିଇସାରି ଯମରାଜ କହିଲେ- ତୁମର ଜୀବନ କାଳ ସରିଯାଇଛି, ମାତ୍ର ତମେ ମୋର ଶୋଷ ମେଣ୍ଟାଇ ଥିବାରୁ ତୁମ ଭାଗ୍ୟ ବଦଳାଇବାକୁ ସୁଯୋଗଟିଏ ଦେବାକୁ ଋହୁଁଛି । ଭାଗ୍ୟ ଭୋଗ ପାଇଁ ଆୟୁଷ ବି ତମେ ଲାଭ କରିବ ।



କହିବା ସରିବା ବେଳକୁ ଯମରାଜା ପୋଥିଟିଏ ଏବଂ ଲେଖନୀଟିଏ ବଢ଼ାଇ ଦେଲେ ତା ହାତକୁ । କହିଲେ- ତମ ପାଖରେ ସମୟ କମ । ସେଇ ସମୟ ଭିତରେ ଏଥିରେ ଯାହା ଲେଖିବ ତାହା ହୋଇଯିବ । ହଁ, ମନେରଖ ସମୟ ତମ ପାଇଁ ଖୁବ୍ କମ୍ ଅଛି ।

ଲୋକଟି ପୋଥି ଓଲଟେଇଲା । ଦେଖିଲା ପ୍ରଥମ ପତ୍ରରେ ଲେଖା ଅଛି- ତମ ପଡ଼ୋଶୀକୁ ଅଚାନକ ଅନେକ ଧନ-ରତ୍ନ ମିଳିବାକୁ ଯାଉଛି । ସେଇଠି ଲୋକଟି ଲେଖି ଦେଲା- ତାକୁ ନ ମିଳୁ । ଦ୍ୱିତୀୟ ପତ୍ର ଓଲଟେଇଲା । ଦେଖିଲା ଲେଖା ହୋଇଛି- ତୁମ ପିଲାବେଳର ସାଂଗ ଉଚ୍ଚ ପଦବୀ ଲାଭ କରିବାକୁ ଯାଉଛନ୍ତି । ସଂଗେ ୨ ଲେଖିଲା- ପ୍ରତିଦ୍ୱନ୍ଦିତାରେ ପରାସ୍ତ ହେଉ... । ଏହିପରି ପତ୍ର ପରେ ପତ୍ର ଓଲଟେଇବା ପରେ ଦେଖିଲା ତାର ନିଜ ପତ୍ର । ଯେମିତି ସେ ପତ୍ରରେ କିଛି ଲେଖିବାକୁ ଆରମ୍ଭ କଲା ଯମରାଜା ପୋଥିଟିକୁ ମାଗି ନେଲେ । କହିଲେ- ତୁମର ସମୟ ଶେଷ ହୋଇଛି । ଆଉ କିଛି ହୋଇପାରିବ ନାହିଁ । ତୁମେ ତୁମର ସମୟ ଅନ୍ୟର କ୍ଷତି କରିବାରେ ବିତେଇ ଦେଲ, ନିଜ ଜୀବନକୁ ବିପଦରେ ପକେଇଦେଲ ! ତମର ଅନ୍ତିମ ସମୟ... ।

ଲୋକଟି ଅନୁତାପ କଲା, କିନ୍ତୁ ସେତେବେଳକୁ ଦିବ୍ୟ ସୁଯୋଗ ହାତଛଡ଼ା ହୋଇ ସାରିଥିଲା ।

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ପୂର୍ବତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ● (ଦୋଳମଣ୍ଡପ ସାହି), ପୁରୀ-୧*

# ମହାପ୍ରଭୁଙ୍କ କାଳୀୟଦଳନ ଲୀଳା

ଦ୍ୱାପରଯୁଗରେ ଯମୁନା ନଦୀର କାଳିନ୍ଦୀ ହ୍ରଦରେ ବାସୁକୀର ବଡ଼ ଭାଇ କାଳିୟ ନାଗ ସପରିବାର ବାସ କରୁଥିଲା । କାଳିୟର ବିଷ ଜ୍ୱାଳାରେ ହ୍ରଦର ଜଳ ଉତ୍ତପ୍ତ ରହୁଥିଲା । ବିଷାକ୍ତ ଜଳର ପ୍ରଭାବରେ ଆକାଶଚାରୀ ପକ୍ଷୀମାନେ ମୂର୍ଚ୍ଛିତ ହୋଇ ନିପତିତ ହେଉଥିଲେ । ଜଳର ସଂସ୍ପର୍ଶରେ ବାୟୁ ମଧ୍ୟ ବିଷାକ୍ତ ହୋଇଯାଉଥିଲା, ଯାହା ସମସ୍ତ ବୃକ୍ଷ, ଲତା, ପ୍ରାଣୀମାନଙ୍କ ସହ ବାତାବରଣକୁ ପ୍ରଭାବିତ କରୁଥିଲା । ଲୀଳା ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ସମସ୍ତଙ୍କର କଲ୍ୟାଣ ନିମିତ୍ତ ଜଳକୁ ବ୍ୟବହାର ଉପଯୋଗୀ କରି ବାତାବରଣକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ମନସ୍ଥ କଲେ । ସେ ତଟବର୍ତ୍ତୀ ଏକ କଦମ୍ବ ବୃକ୍ଷରେ ଆରୋହଣ ପୂର୍ବକ ଜଳ ମଧ୍ୟରେ ଲମ୍ଫ ପ୍ରଦାନ କରି ଗଜରାଜ ସଦୃଶ ଜଳକ୍ରୀଡ଼ା ଆରମ୍ଭ କଲେ । ସେଥିରେ ପ୍ରଚଣ୍ଡ ଶବ୍ଦ ନିର୍ଗତ ହେଲା । କାଳିୟନାଗ ଉପରକୁ ଉଠି ଶ୍ରୀକୃଷ୍ଣଙ୍କୁ ବନ୍ଧନ ପୂର୍ବକ ଦଂଶନ କରିବାକୁ ଆରମ୍ଭ କଲା । କୂଳରେ ଥାଇ ଗୋପ ବାଳକମାନେ ଏହା ଦେଖି ଅତ୍ୟନ୍ତ ବ୍ୟାକୁଳ ହେଲେ । ଶ୍ରୀକୃଷ୍ଣ ମୁହୂର୍ତ୍ତକ ମଧ୍ୟରେ ନିଜକୁ ସର୍ପ ବନ୍ଧନରୁ ମୁକ୍ତ କରି ଶରୀରର ଆକାର ବୃଦ୍ଧି କରିବାରେ ଲାଗିଲେ । କାଳିୟ ସର୍ପ ନିଜକୁ ନିୟନ୍ତ୍ରଣ କରି ନ ପାରି କିଛି ସମୟ ପାଣିରେ ବୁଡ଼ି ପୁନଃ ଉଠି ନିଜର ସହସ୍ର ଫଣା ବିସ୍ତାର କରି ଗରଳ ବୃଷ୍ଟି କରିବାକୁ ଲାଗିଲା । ଅତଏବ ଶ୍ରୀକୃଷ୍ଣ କ୍ରୋଧରେ କାଳିୟର ମସ୍ତକ ଉପରକୁ ଉଠି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ ।



ତାହାକୁ ଦେଖିବା ପାଇଁ ଦେବତା, ଗନ୍ଧର୍ବ, ଅପ୍‌ସରାଦି ବୃନ୍ଦାବନରେ ଉପସ୍ଥିତ ହୋଇ ଆକାଶ ମାର୍ଗରୁ ପୁଷ୍ପ ବୃଷ୍ଟି ସହ ସ୍ତୁତି କରିଥିଲେ ।

କୃଷ୍ଣର ନୃତ୍ୟ ଦେବେ ଚାହିଁ । ମିଳିଲେ ବୃନ୍ଦାବନେ ଯାଇଁ ॥
ତାଣ୍ଡବ ରସେ ଗୀତ ଗାଇ । ଗନ୍ଧର୍ବେ ବୀଣାନାଦ ବାଇ ॥
ମୃଦଙ୍ଗ ବୀଣାନାଦ କରି । ରଙ୍ଗେ ନାଚନ୍ତି ଅପସରୀ ॥
କୁସୁମ ବରଷିଲେ ଆଣି । ଯେଝାର ମତେ ସ୍ତୁତି ଭଣି ॥

(ଶ୍ରୀମଦ୍ ଭାଗବତ ଦଶମ ସ୍କନ୍ଧ, ଗୋପଲୀଳା, ଅଧ୍ୟାୟ-୧୭)

ଶ୍ରୀକୃଷ୍ଣଙ୍କ ଉନ୍ମତ୍ତ ନୃତ୍ୟରେ ସର୍ପର ପ୍ରାଣ କଣ୍ଠାଗ୍ରତ ହେଲା । ସୁତରାଂ ସେ ଭଗବାନଙ୍କୁ କ୍ଷମା ପ୍ରାର୍ଥନା କରି ଶରଣାପନ୍ନ ହେଲା । କାଳିୟର ମରଣା ସନ୍ନ ଅବସ୍ଥା ଲକ୍ଷ୍ୟ କରି ତାର ଶହେ ପତ୍ନୀ ସେମାନଙ୍କର ପୁତ୍ର କନ୍ୟାମାନଙ୍କ ସହ ଶ୍ରୀକୃଷ୍ଣଙ୍କୁ ସ୍ତୁତି କରି ତାଙ୍କୁ ପଦ୍ମମାଲ୍ୟ, ଗନ୍ଧାଦିରେ ପୂଜନ କଲେ । ଶ୍ରୀକୃଷ୍ଣ ଦୟା ପୂର୍ବକ ନିଜର ପଦ ପ୍ରହାର ବନ୍ଦ କଲେ । ସର୍ପର ବିକଳ ପ୍ରାର୍ଥନା ଶୁଣି ତାକୁ ମୁକ୍ତ କରି ଆଦେଶ ଦେବାରୁ ସେ କାଳିୟ ହ୍ରଦ ତ୍ୟାଗ କରି ନିଜ ପରିଜନମାନଙ୍କ ସହ ସମୁଦ୍ର ମଧ୍ୟସ୍ଥ ରମଣକ ଦ୍ୱୀପକୁ ଚାଲିଗଲା । ସର୍ପର ଶିରରେ ଭଗବାନଙ୍କର ପଦଚିହ୍ନ ଅଙ୍କିତ ହେଲା । ଯମୁନା ଜଳ ଅମୃତ ସମାନ ମଧୁର ଓ ଶୀତଳ ହେଲା । ସମସ୍ତ ବନଚାରୀ, ଗୋପ ନରନାରୀ ଭକ୍ତ ଜଳପାନ କରି ତୃପ୍ତ ହେଲେ । ପରିବେଶ ସୁଖଦ ହେଲା ।

ଭଗବାନ ଶ୍ରୀକୃଷ୍ଣଙ୍କର ଦ୍ୱାପର ଯୁଗୀନ କାଳିୟଦଳନ ଲୀଳାର ସ୍ମୃତିରେ ଭାଦ୍ର କୃଷ୍ଣ ଏକାଦଶୀକୁ କାଳିୟ ଦଳନ ଏକାଦଶୀ ରୂପେ ନାମିତ କରି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ କାଳିୟଦଳନ ଲୀଳା ଓ ବେଶ ଅନୁଷ୍ଠିତ ହୋଇଥାଏ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବେଶରେ ମହାପ୍ରଭୁ ତିନିଖଣ୍ଡ ଆଜ୍ଞାମାଳ ଲାଗି ହୁଅନ୍ତି । ଦକ୍ଷିଣ ଘର ଭୋଗ ସମାପନ ପରେ ଶ୍ରୀମଦନମୋହନ, ରାମ, କୃଷ୍ଣ ଭିତର ସିଂହାସନକୁ ବିଜେ ହୋଇଥାନ୍ତି । ପୂଜାପଣ୍ଡା ସାମନ୍ତ ତିନି ବିଗ୍ରହଙ୍କୁ ଆଜ୍ଞାମାଳ ପ୍ରଦାନ କଲା ପରେ ସେମାନଙ୍କୁ ବଟବୃକ୍ଷ ସମୀପସ୍ଥ ପାଲିଙ୍କିକୁ ବିଜେ କରାଯାଇଥାଏ । ବିମାନବଡୁ ସେବକମାନେ ପାଲିଙ୍କିକୁ ବହନ ପୂର୍ବକ ବେଢ଼ାଏ ବୁଲି ଲୋକନାଥ ରୋଡ଼ସ୍ଥିତ ଲବଣୀ ଖିଆ ମଣ୍ଡପକୁ ବିଜେ କରାଇଥାନ୍ତି । ମାର୍ଗରୁ ମହାଭୋଇ ଘର ବୋହୂମାନେ ବନ୍ଦାପନା ପୂର୍ବକ ବିଗ୍ରହମାନଙ୍କୁ ପାଛୋଟି ନେଇଥାନ୍ତି । ସେଠାରେ ସର, ଲହୁଣୀ ଭୋଗ ଅର୍ପଣ ପରେ ଶୀତଳ ଭୋଗ ଏବଂ ବନ୍ଦାପନା ଉତ୍ତାରୁ ଶ୍ରୀବିଗ୍ରହମାନଙ୍କୁ ପାଲିଙ୍କିରେ ବିଜେ କରାଯାଇ ମାର୍କଣ୍ଡେୟ ସରୋବର ଉପରିସ୍ଥ ବୋଇତି ଦେଉଳ ବା କାଳିୟଦଳନ ମଣ୍ଡପକୁ ନିଆଯାଇ ସେଠାରେ ଆସୀନ କରାଯାଏ । ତିନି ବିଗ୍ରହ ଉତ୍ତର ଦିଗକୁ ମୁଖ କରି ସରୋବର ମଧ୍ୟକୁ ଦୃଷ୍ଟି ନିକ୍ଷେପ କରନ୍ତି । ମାର୍କଣ୍ଡେୟ ସରୋବର ହୁଏ କାଳିନ୍ଦୀ ହ୍ରଦ । ସେଠାରେ କାଳୀକୃଷ୍ଣ ବେଶରେ ସଜ୍ଜିତ ହୋଇ ମାଟିମଣ୍ଡପ ସାହିର ସାଉଟି ସୁବୁଦ୍ଧି ଉପସ୍ଥିତ ଥାନ୍ତି । କନାରେ ତିଆରି ଏକ ସର୍ପ ମଧ୍ୟ ପ୍ରସ୍ତୁତ ରହିଥାଏ । ସରୋବର ମଧ୍ୟସ୍ଥ ମଞ୍ଚାରେ ଶ୍ରୀକୃଷ୍ଣଙ୍କୁ ସର୍ପ ଦଂଶନ କଲାପରେ ଗରୁଡ଼ ବେଶଧାରୀ ସେବକ ତାଙ୍କୁ ଅମୃତ ଲଡୁ ଦେଇ ବିଷ ଝାଡ଼ନ୍ତି । ତାପରେ ସେଠାରେ ଶୀତଳ ଭୋଗ, ବନ୍ଦାପନା ଆଦି ନୀତି ପରେ ଶ୍ରୀବିଗ୍ରହମାନେ ବାହୁଡ଼ା ବିଜେରେ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ନିକଟକୁ ଆସିଥାନ୍ତି, ଯେଉଁଠାରେ ଏକାଦଶୀ ଭୋଗ ଓ ବନ୍ଦାପନା ପରେ ଦକ୍ଷିଣ ଘରକୁ ପ୍ରତିମାମାନେ ବିଜେ କରିଥାନ୍ତି ।

ଏହାପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆକର୍ଷଣୀୟ କାଳିୟଦଳନ ବେଶ ଆୟୋଜିତ ହୁଏ । ବେଶ ବଢ଼ି ସନ୍ଧ୍ୟା ଧୂପ ପାଣି ପଡ଼ିବା ପରେ ଜଗନ୍ନାଥ ବଲ୍ଲଭ ମଠରୁ ଆସିଥିବା ଦୁଇଟି ବୃହତ୍ ଅମୃତ ଲଡୁକୁ ପୁଷ୍ପାଳକ ସେବକ ମାନେ ଶ୍ରୀବିଗ୍ରହମାନଙ୍କ ଶ୍ରୀହସ୍ତରେ ଲାଗି କରିଥାନ୍ତି । କାଳିୟ ଦଳନ ବେଶରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ର କାଷ୍ଠ ନିର୍ମିତ ଶ୍ରୀଭୁଜ ଓ ଶ୍ରୀପୟର ଯୁକ୍ତ ହୋଇଥାନ୍ତି । ଏକ ବୃହଦାକାର ସପ୍ତଫେଣିଆ ସର୍ପର ମସ୍ତକଟି ଶ୍ରୀଜଗନ୍ନାଥଙ୍କ ଶ୍ରୀପୟର ତଳେ ଖଞ୍ଜା ଯାଇଥାଏ । ଦଣ୍ଡାୟମାନ ମୁଦ୍ରାରେ ଶ୍ରୀବଳଭଦ୍ର ବାମହସ୍ତରେ ସୋଲ ନିର୍ମିତ ପଦ୍ମ କୋରକ ଓ ଦକ୍ଷିଣ ହସ୍ତରେ ଅମୃତ ଲଡୁ ଧାରଣ କରିଥାନ୍ତି । ଏତଦ୍ ବ୍ୟତୀତ ସିଂହାସନ ଉପରେ କାଷ୍ଠ ନିର୍ମିତ ଧେନୁ, ବତ୍ସା ଭୂଷିତ ହୋଇ ରହିଥାନ୍ତି । କାଳିୟଦଳନ ବେଶ ସନ୍ଧ୍ୟା ଧୂପ ଶେଷ ପର୍ଯ୍ୟନ୍ତ ରହିଥାଏ । ଭକ୍ତମାନେ ଉକ୍ତ ବେଶ ଦର୍ଶନ କରି ନିଜକୁ ଧନ୍ୟ ମନେ କରନ୍ତି । ଅମୃତ ଲଡୁ ସେବନରେ ସର୍ପଦଂଶନ ଯୋଗ କଟିଯିବାର ବିଶ୍ୱାସ ରହିଛି ।

ଉକ୍ତ ତିଥିରେ ସନ୍ଧ୍ୟା ଧୂପ ବେଶରେ ମହାପ୍ରଭୁଙ୍କୁ ଖଣ୍ଡେ ଆଜ୍ଞାମାଳ ଲାଗି କରାଯାଇଥାଏ । ସନ୍ଧ୍ୟା ଧୂପ ସମାପ୍ତ ହେବା ପରେ ଦକ୍ଷିଣ ଘରୁ ଶ୍ରୀମଦନମୋହନ ରତ୍ନ ସିଂହାସନ ଉପରକୁ ବିଜେ ହୋଇ ଆସନ୍ତି । ସେଠାରେ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ଜଗମୋହନସ୍ଥିତ ଦୋଳିରେ ବିଜେ ହୁଅନ୍ତି । କୁଣ୍ଢାଇବେଣ୍ଟ ସାହି ଆଖଡ଼ା ତରଫରୁ ଧେନୁକାସୁର ବଧ ପ୍ରସ୍ତାବ ସେଠାରେ ଆୟୋଜିତ ହୁଏ । ତାପରେ ଶୀତଳ ଭୋଗ, ବନ୍ଦାପନାଦି ନୀତି ପରେ ଶ୍ରୀମଦନମୋହନ ଦକ୍ଷିଣଘରକୁ ବିଜେ ହୋଇଥାନ୍ତି ।

● *ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଫଟୋରେ ଖବର...



ତା. ୪.୮.୨୧ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ ।



ତା. ୪.୮.୨୧ରେ ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ପରିପ୍ରେକ୍ଷୀରେ ଶ୍ରୀସୁଦର୍ଶନଙ୍କ ଘରି ଆଶ୍ରମ ବିଜେ ।



ତା. ୮.୮.୨୧ରେ ଚିତାଲାଗି ଅମାବାସ୍ୟା ଅବସରରେ ଶ୍ରୀନାରାୟଣଙ୍କ ସାଗର ବିଜେ ।



ତା. ୧୨.୮.୨୧ରେ ଶ୍ରୀମନ୍ଦିର ଖୋଲିବା ପରେ ମହାପ୍ରଭୁଙ୍କୁ ଦର୍ଶନ କଲେ ସେବକ ପରିବାର ।



ତା. ୧୬.୮.୨୧ରେ ଶ୍ରୀମନ୍ଦିର ଖୋଲିବା ପରେ କୋଭିଡ୍ କଟକଣା ମାନି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଉଛନ୍ତି ପୁରୀ ସହରବାସୀ ।



ତା. ୨୩.୮.୨୧ରେ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବା ପରେ ସର୍ବସାଧାରଣ ଭକ୍ତ କୋଭିଡ୍ କଟକଣା ଅନୁସାରେ ଥର୍ମାଲ ସ୍କାନିଂ କରି ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି ।

# ତୁମ୍ଭ ଶ୍ରୀଭୁଜେ ଦୟଣା କେରି କେରି

ଦୟଣା ଗୋଟିଏ ଗୁଳ୍ମ ଜାତୀୟ ଛୋଟ ଗଛ । ଏଥିରେ କର୍ପୂରକାନ୍ତି ଗଛରେ ପତ୍ର ନଦି ହେବାପରି ପତ୍ରଗୁଚ୍ଛ ରହିଥାଏ । ଏହି ପତ୍ରଗୁଡ଼ିକ ଅତ୍ୟନ୍ତ ସୁଗନ୍ଧଯୁକ୍ତ । କୌଣସି ସୁଗନ୍ଧପୂର୍ଣ ଫୁଲ ଠାରୁ କମ୍ ନୁହେଁ । ଏହି ଗଛକୁ କେହି କେହି ଦଅଣା ବୋଲି କହିଥାନ୍ତି । ଦକ୍ଷିଣ ଭାରତରେ ଏହାକୁ କହନ୍ତି ଦଅନା । ସେଠାକାର ରମଣୀମାନେ ଖୋସାରେ ଫୁଲମାଳ ସହିତ ଦଅନା ମାଳ ଲଗାଇବାକୁ ପସନ୍ଦ କରନ୍ତି । ଆମ ଓଡ଼ିଶାରେ ପୁରୀରେ ଏହି ଦୟଣା ଶ୍ରୀମନ୍ଦିର ବଗିଚାରେ ଚାଷ କରାଯାଏ । ବଗିଚାରୁ ତୋଳି ଆଣି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଯେଉଁମାନେ ଏହି ଦୟଣାର ମାଳ ଯୋଗାଇଥାନ୍ତି ତାଙ୍କୁ କୁହାଯାଏ ଦୟଣାମାଳିଆ । ଇତିହାସରୁ ଜଣାଯାଏ ଗଙ୍ଗବଂଶର ରାଜତ୍ୱ କାଳରେ ଏହି ଦୟଣାବୃକ୍ଷ ରାଜମହେନ୍ଦ୍ରିରୁ ଅଣାଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ସମର୍ପଣ କରାଯାଇଥିଲା । ଅଧିକାଂଶ ସମୟରେ ରାଜମହେନ୍ଦ୍ରିର ଭକ୍ତମାନେ ଗୋଛା ଗୋଛା ଦୟଣା ଧରି ଆସି ମହାପ୍ରଭୁଙ୍କୁ ସମର୍ପଣ କରିଥାନ୍ତି । ନାନାପ୍ରକାର ପୁଷ୍ପମାଳାରେ ବିମଣ୍ଡିତ ମହାପ୍ରଭୁ ତୁଳସୀମାଳା ପାଇଁ ଯେପରି ଆଗ୍ରହ ପ୍ରକାଶ କରନ୍ତି, ଦୟଣାମାଳା ପାଇଁ ସେହିପରି ଶ୍ରଦ୍ଧା ଦେଖାଇ ଥାଆନ୍ତି । ଭକ୍ତ ସାଲବେଗ ତାଙ୍କ ଜଣାଣରେ ଭାବ ବିହ୍ୱଳ ହୋଇ ଗାଇଛନ୍ତି-



'ଆହେ ନୀଳଗିରି । ତୁମ୍ଭ ଶ୍ରୀଭୁଜେ ଦୟଣା କେରି କେରି ।'

ଏହି ଦୟଣାର ଉତ୍ପତ୍ତି ସଂପର୍କରେ 'ସ୍କନ୍ଦ ପୁରାଣ, ଉତ୍କଳ ଖଣ୍ଡ'ରେ ସୁନ୍ଦର ଉପାଖ୍ୟାନଟିଏ ରହିଛି । ବିଭିନ୍ନ ଯୁଗରେ ମହାପ୍ରଭୁ ଧର୍ମରେ ଗ୍ଲାନି ସୃଷ୍ଟି କରୁଥିବା ରାକ୍ଷସମାନଙ୍କୁ ବଧ କରି ମନୁଷ୍ୟ ସମାଜରେ ଧର୍ମ ସଂସ୍ଥାପନା ଏବଂ ଶାନ୍ତି ପ୍ରତିଷ୍ଠା କରିଛନ୍ତି । ସେହିପରି ଚୈତ୍ର ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ମହାପ୍ରଭୁ ଦମନାସୁରକୁ ବଧ କରିଥିଲେ । ସେତେବେଳେ ଅର୍ଦ୍ଧରାତ୍ରି ସମୟ । ଦମନାସୁରର ମୃତ ଶରୀରରୁ ଏକ ସୁଗନ୍ଧଯୁକ୍ତ ତୃଣ ଜାତହେଲା । ଦମନାସୁର ପ୍ରତି ଦୟା କରି ସେହି ସୁଗନ୍ଧିତ ତୃଣକୁ ମହାପ୍ରଭୁ ତୋଳି ଆଣି ଆପଣା ଭୁଜରେ ବାନ୍ଧି ଦେଇଥିଲେ । ସେହି କଥାକୁ ସ୍ମରଣ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବଳିୟାର ଭୁଜରେ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ କେରି କେରି ଦୟଣା ସମର୍ପଣ କରାଯାଇ ଦମନ ଭଞ୍ଜିକା ଉତ୍ସବ ବା ଦୟଣା ଲାଗି ଅନୁଷ୍ଠିତ ହୁଏ । ତା'ପରଦିନ ପ୍ରାତଃ କାଳରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଉଲାଗି ଦୟଣାକୁ ଭକ୍ତମାନେ ନେଇ ଆପଣାର ମସ୍ତକରେ ଲଗାଇ ପରମ ଶାନ୍ତି ଓ ଆନନ୍ଦ ଲାଭ କରନ୍ତି ।

● *ଶଂକର୍ଷଣ ମଂଗରାଜ (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

## ସେପ୍ଟମ୍ବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୨.୯.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ବନଭୋଜି ବେଶ, କୋଳିବିକା, ବକାସୁର ବଧ ପ୍ରସ୍ତାବ ଓ ଅର୍ଘାସୁର ବଧ ପ୍ରସ୍ତାବ |
| ତା. ୩.୯.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ କାଳୀୟଦଳନ ଏକାଦଶୀ, ଧେନୁକାସୁର ବଧ ପ୍ରସ୍ତାବ |
| ତା. ୪.୯.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ବେଶ |
| ତା. ୫.୯.୨୧ ରିଖ ରବିବାର | ଶ୍ରୀମନ୍ଦିରରେ କୃଷ୍ଣ ବଳରାମ ବେଶ, ଅନ୍ନ ପ୍ରଥା |
| ତା. ୬.୯.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ସାତପୁରୀ ତାଡ଼ ବିଜେ |
| ତା. ୭.୯.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ସାତପୁରୀ ଅମାବାସ୍ୟା ଓ ବସ୍ତ୍ରହରଣ ଲୀଳା |
| ତା. ୮.୯.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ଦାବାଗ୍ନୀ ଲୀଳା |
| ତା. ୯.୯.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଅନ୍ଧଲୀଳା ଓ ବାଲିତୃତୀୟା |
| ତା. ୧୦.୯.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଶ୍ରୀଗଣେଶ ଚତୁର୍ଥୀ |
| ତା. ୧୧.୯.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ଓ ଦାହ ଲୀଳା |
| ତା. ୧୨.୯.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ବିମ୍ବାସୁର ବଧ ଓ କୁକୁଟୀ ବ୍ରତ |
| ତା. ୧୩.୯.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ଲଳିତା ସପ୍ତମୀ, କେକେଶି ବଧ ଓ ଦୁର୍ଗା ଶୟନ |
| ତା. ୧୪.୯.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ରାଧାଷ୍ଟମୀ ଓ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ |
| ତା. ୧୬.୯.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ କୃଷ୍ଣ ଲୀଳା, କଂସବଧ ପ୍ରସ୍ତାବ, ଲବଣୀଖିଆ ଏବଂ ମଥୁରାହାଟଜୁର ଓ ସୁଦଶା ବ୍ରତ |
| ତା. ୧୭.୯.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ, ବାମନ ଜନ୍ମ, ସୁନିଆଁ, ଇନ୍ଦ୍ରଧ୍ୱଜା ପୂଜା, କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା |
| ତା. ୧୮.୯.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ବଳିବାମନ ବେଶ ଓ ଗରୁଡ଼ ପାର୍ଶ୍ୱ ପରିବର୍ତ୍ତନ |
| ତା. ୧୯.୯.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଅନନ୍ତ ବ୍ରତ |
| ତା. ୨୦.୯.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ |
| ତା. ୨୮.୯.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ସହସ୍ରା କୁମ୍ଭାଭିଷେକ, ଦେବୀ ଉତ୍ଥାପନ |
| ତା. ୨୯.୯.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ମୂଳାଷ୍ଟମୀ, ଦ୍ୱିତୀୟା ଓଷା, ଷୋଡ଼ଶଦିନାତ୍ମକ ପୂଜାରମ୍ଭ |

*ସୌଜନ୍ୟ- OMC | ODISHA NEW OPPORTUNITIES*

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri**
*ମୂଲ୍ୟ : ଦୁଇଟଙ୍କା ମାତ୍ର*